# ଗୃହରେ ମନ୍ଦିର ସ୍ଥାପନା

ମନ୍ଦିର ପରିସର ଠାରୁ ଦୂରେଇ ରହୁଥିବା ଗୃହସ୍ଥ ଭକ୍ତଗଣ ନିଜ ଘରେ ମନ୍ଦିର ସ୍ଥାପନ କରିବା ଆବଶ୍ୟକ । ଘରେ ମନ୍ଦିରକୁ ପାରିବାରିକ ଜୀବନର କେନ୍ଦ୍ରବିନ୍ଦୁ ବନାଇଲେ ଏହା ସାଧାରଣ ଘରକୁ ଏକ ପବିତ୍ର ସ୍ଥାନରେ ପରିବର୍ତ୍ତନ କରାଇଦିଏ ।

ଯେଉଁ ମାନଙ୍କର ସାମର୍ଥ୍ୟ ରହିଛି ସେମାନେ ସ୍ୱତନ୍ତ୍ର ସ୍ଥାନରେ ଏକ ମନ୍ଦିର ତିଆରି କରିପାରନ୍ତି । କିନ୍ତୁ ଅସମର୍ଥ ବ୍ୟକ୍ତିଗଣ ନିଜ ଗୃହର ଏକ କୋଠାରୀକୁ ପୂଜାକକ୍ଷ କରିପାରନ୍ତି । ନଚେତ୍ ଯେଉଁମାନଙ୍କର ବହୁତ କମ୍ ଜାଗା ଅଛି, ସେମାନେ ନିଜ ରହିବା କକ୍ଷରେ ପୂଜାସ୍ଥଳୀ ସ୍ଥାପନ କରିପାରନ୍ତି । ମନ୍ଦିର କକ୍ଷ ଏପରି ହେବା ଉଚିତ୍ ଯେଉଁଠି ପରିବାରର ସଦସ୍ୟବୃନ୍ଦ ଆରତୀ, କୀର୍ତ୍ତନ, ଜପ, ଶାସ୍ତ୍ର ଅଧ୍ୟୟନ ଓ ଭଗବାନଙ୍କ ଭୋଗ ନିବେଦନ ଆଦି କରିପାରନ୍ତି । କକ୍ଷର କୌଣସି କାନ୍ଥ ଆଲମାରୀରେ ପୂଜାସ୍ଥଳୀ ସ୍ଥାପନ କରିବା ଅପେକ୍ଷା ଏକ ସ୍ୱତନ୍ତ୍ର କୋଠରୀରେ ସ୍ଥାପନ କରିବା ବହୁତ ଭଲ । ସ୍ୱତନ୍ତ୍ର କକ୍ଷରେ ପବିତ୍ର ବାତାବରଣ ରଖିହେବ । ରହିବା କକ୍ଷରେ ପୂଜାସ୍ଥଳୀ ସ୍ଥାପନ କଲେ ଛୁଆ ଖେଳିବା, ବିଶ୍ରାମ କରିବା, ବହିଁଆଗତ ମାନଙ୍କ ପ୍ରବେଶ ଏବଂ ସାମାଜିକ ବା ଘରୋଇ କାର୍ଯ୍ୟରେ ବ୍ୟାଘାତ ହେବ । ମନ୍ଦିର କକ୍ଷ କେବଳ ଆଧ୍ୟାତ୍ମିକ ସାଧନା ପାଇଁ ହେବା ଉଚିତ୍ । ମନ୍ଦିରର କକ୍ଷ ଦୁଇଭାଗରେ ବିଭକ୍ତ–

୧. ଅର୍ଚ୍ଚାବିଗ୍ରହ କକ୍ଷ । ୨– ପ୍ରାର୍ଥନା କକ୍ଷ ବା ନାଟ ମନ୍ଦିର ।

ଉଭୟ କକ୍ଷ ଅତ୍ୟନ୍ତ ସୁସଜ୍ଜିତ, ପରିଚ୍ଛନ୍ନ ତଥା ସୁଗନ୍ଧିତ ହେବା ସଙ୍ଗେ ପ୍ରାର୍ଥନା କକ୍ଷ ଭଗବାନଙ୍କ ଲୀଳାଦି ଚିତ୍ରପଟ ଦ୍ୱାରା ସୁସଜ୍ଜିତ ହେବା ଦରକାର । ଅର୍ଚ୍ଚା ବିଗ୍ରହ କକ୍ଷ ମନ୍ଦିରର ପଛ ଭାଗକୁ ସ୍ୱତନ୍ତ୍ର ହେବ । ଏଥିରେ କବାଟ ଓ ପରଦା ଥିବା ଉଚିତ୍ । ଯାହା ପ୍ରାର୍ଥନା କକ୍ଷକୁ ଅଲଗା କରୁଥିବ । ଯେଉଁଠି ମନ୍ଦିର ପାଇଁ ପ୍ରାର୍ଥନା କକ୍ଷର ବ୍ୟବସ୍ଥା ସମ୍ଭବ ନୁହେଁ ସେହି ପରିସ୍ଥିତିରେ ମଧ୍ୟ ଅର୍ଚ୍ଚା ବିଗ୍ରହ ସ୍ଥାନ ପରଦାରେ ଢଙ୍କା ହେବା ଉଚିତ୍ । ଯେପରି ଭିତରେ ଭୋଗ ନିବେଦନ, ସ୍ନାନ ଓ ଆରତୀ ଆଦି କରିବାପାଇଁ ପ୍ରସସ୍ଥ ଜାଗା ଥାଏ । ମନ୍ଦିର ଖୋଲା ରଖି ନାଟମନ୍ଦିରରେ ପ୍ରସାଦ ପାଇବା ପରିଷ୍କାର କରିବା ବା ଝାଡୁଦେବା ଅନୁଚିତ । ମନ୍ଦିରକୁ ପରିକ୍ରମା କରିବାର ବ୍ୟବସ୍ଥା ଥିଲେ ତାହା ଅଧିକ ଫଳପ୍ରଦ । ଘର ମନ୍ଦିରରେ ଭଗବାନ ତଥା ଅନେକ ଶୁଦ୍ଧ ଭକ୍ତଙ୍କ (ଗୁରୁ ପରମ୍ପରା ଚିତ୍ର) ଫଟୋ ପୂଜା କରାଯାଏ । ଘରେ ଗୃହସ୍ଥ ଭକ୍ତ ଯେତେବେଳେ ଅଧିକ ଉନ୍ନତ ଏବଂ ଅନୁଭବୀ ହୋଇଯାଏ, ସେତେବେଳେ ସେ ଶ୍ରୀଗୁରୁଦେବଙ୍କ ଅନୁମତି କ୍ରମେ ଶ୍ରୀବିଗ୍ରହ ସ୍ଥାପନ କରିପାରିବେ । ତେବେ ଭକ୍ତ ସାଧନା କରି ପଞ୍ଚରାତ୍ରିକ ଦୀକ୍ଷା ପ୍ରାପ୍ତ ହେବା ପରେ ଶ୍ରୀବିଗ୍ରହ ସ୍ଥାପନା କରି ପୂଜା କରିପାରିବେ । ଅର୍ଚ୍ଚାବିଗ୍ରହଙ୍କର ଉନ୍ନତତର ପୂଜା କରିବାକୁ ହେଲେ ବରିଷ୍ଠ ବୈଷ୍ଣବ ଓ ଗୁରୁଙ୍କର ମାର୍ଗ ଦର୍ଶନରେ ପରିଚାଳିତ ହେବା ଦରକାର । ତେଣୁ ଏଠାରେ ଏହି ସ୍ତରରେ ପୂଜା ଦିଆଯାଇନାହିଁ । ଯଦି ପୂଜା କରୁଥିବା ଭକ୍ତଙ୍କ ହୃଦୟରେ ପ୍ରକୃତରେ ଭକ୍ତିଭାବନା ଅଛି ତେବେ ତାଙ୍କୁ ଏହା ଜାଣିନେବାକୁ ହେବ ଶ୍ରୀଭଗବାନଙ୍କ ଚିତ୍ରପଟ୍ଟ ପୂଜା ଶ୍ରୀବିଗ୍ରହର (ଯାହା ଶିଳା, ଦାରୁ, ଧାତୁ ଆଦି ଦ୍ୱାରା) ପୂଜା ଠାରୁ କିଛି କମ୍ ନୁହେଁ କିନ୍ତୁ ଶ୍ରୀବିଗ୍ରହର ପୂଜା ଚିତ୍ରପଟ୍ଟର ପୂଜାଠାରୁ ଅଧିକ ବିସ୍ତୃତ ଓ ଜଟିଳ । ତେଣୁ ଏହି ପୂଜାର ଅଧିକାର ପ୍ରାୟ ସେହି ଭକ୍ତଙ୍କୁ

ଦିଆଯାଏ ଯିଏ ବହୁ ଶ୍ରଦ୍ଧାଳୁ, ସେବା ପରାୟଣ ଓ ଶରଣାଗତ । ଘରର ପୂଜା ସ୍ଥାନରେ ଚିତ୍ରପଟ୍ଟ ରଖିବା ପାଇଁ ଏକ ପୂଜାବେଦୀ (ସିଂହାସନ) କାଠ, ଧାତୁ କିମ୍ବା ପକ୍କାରେ ତିଆରି ସର୍ବୋତ୍ତମ । ପୂଜା ବେଦୀରେ ତିନୋଟି ଥାକ ରହିବା ଉଚିତ୍ । ପ୍ରତ୍ୟେକ ଥାକରେ ରହୁଥିବା ନିର୍ଦ୍ଦିଷ୍ଟ ଚିତ୍ରପଟ୍ଟ ଗୁଡ଼ିକର ଉଚ୍ଚତା ସମାନ ହେବା ଉଚିତ୍ । ଏହି ଚିତ୍ରପଟ୍ଟ ଗୁଡ଼ିକର ଉଚ୍ଚତା ଠାରୁ ଡ଼େରାହୋଇ ରହୁଥିବା ପଛ ଥାକର ଉଚ୍ଚତା ସାମାନ୍ୟ ଉଚ୍ଚା ବା ସମାନ ହେବା ଉଚିତ୍ । ଚିତ୍ରପଟ୍ଟ ଉପରେ ବା ନିକଟରେ ଦିଆଯାଇଥିବା ସଂଖ୍ୟା ଚିତ୍ରପଟ୍ଟର ଉଚିତ୍ ସ୍ଥାନ ପ୍ରଦର୍ଶନ କରେ ।

୧ – ଶ୍ରୀଗୁରୁଦେବ– ଦୀକ୍ଷା ନେବାର ଅତିକମ୍‌ରେ ଛଅମାସ ପୂର୍ବରୁ ଇସ୍କନର କୌଣସି ଗୁରୁଙ୍କ ଚରଣାଶ୍ରୟ କରି, ତାଙ୍କରି ମାର୍ଗ ଦର୍ଶନରେ ପରିଚାଳିତ ହେବାର ମନସ୍ଥିର କରିବା ଠାରୁ ତାଙ୍କରି ଚିତ୍ରପଟ୍ଟ ପୂଜାସ୍ଥଳୀରେ ରଖିବାକୁ ହେବ ।

୨– ସମ୍ପ୍ରଦାୟର ଆଚାର୍ଯ୍ୟବୃନ୍ଦ (ଗୁରୁ ପରମ୍ପରା) ।

- କ– ଇସ୍କନ୍ ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରୀଳ ଅଭୟ ଚରଣାରବିନ୍ଦ ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ।
- ଖ– ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ପ୍ରଭୁପାଦ ।
- ଗ– ଶ୍ରୀଳ ଗୌର କିଶୋର ଦାସ ବାବାଜୀ ।
- ଘ– ଶ୍ରୀଳ ସଚ୍ଚିଦାନନ୍ଦ ଭକ୍ତିବିନୋଦ ଠାକୁର ।
- ଙ– ଶ୍ରୀଳ ଜଗନ୍ନାଥ ଦାସ ବାବାଜୀ ।

୩– ଷଡ଼ଗୋସ୍ୱାମୀବୃନ୍ଦ(ଶ୍ରୀ ରୂପ ଗୋସ୍ୱାମୀ, ସନାତନ ଗୋସ୍ୱାମୀ, ରଘୁନାଥ ଭଟ୍ଟ ଗୋସ୍ୱାମୀ, ରଘୁନାଥ ଦାସ ଗୋସ୍ୱାମୀ, ଗୋପାଳ ଭଟ୍ଟ ଗୋସ୍ୱାମୀ ଏବଂ ଜୀବ ଗୋସ୍ୱାମୀ,) ଏମାନେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ପ୍ରମୁଖ ଶିଷ୍ୟ ଅଟନ୍ତି । ମହାପ୍ରଭୁଙ୍କ ଆନୁଗତ୍ୟରେ ଗୌଡ଼ୀୟ ବୈଷ୍ଣବ ସଂପ୍ରଦାୟର ଶିକ୍ଷା ଓ ଶୈଳୀକୁ ବିଶ୍ୱରେ ଅବଗତ କରାଇଥିଲେ ।

୪– ପଞ୍ଚତତ୍ତ୍ୱ ( ଶ୍ରୀ ଚୈତନ୍ୟ ମହାପ୍ରଭୁ, ନିତ୍ୟାନନ୍ଦ ପ୍ରଭୁ, ଅଦ୍ୱୈତ ଆଚାର୍ଯ୍ୟ, ଗଦାଧର ପଣ୍ଡିତ ଏବଂ ଶ୍ରୀବାସ ଠାକୁର) ।

୫– ଶ୍ରୀ ଜଗନ୍ନାଥ, ବଳଦେବ, ସୁଭଦ୍ରାଦେବୀ ଓ ସୁଦର୍ଶନ ।

୬– ଭଗବାନ ଶ୍ରୀ ନୃସିଂହଦେବ (ଭକ୍ତ ଭଗବାନଙ୍କର ଏହି ରୂପକୁ ବିଶେଷ ଭାବେ ପୂଜା କରିବାର କାରଣ ଏହା ଯେ ଭଗବାନ ଏହି ରୂପରେ ଭକ୍ତଙ୍କୁ ପ୍ରହ୍ଲାଦ ଭଳି ସୁରକ୍ଷା ଦେଇଥାନ୍ତି । ଏହି ଘୋର କଳିଯୁଗରେ ଭକ୍ତର ବହୁ ବିଘ୍ନ ଏବଂ ହୃଦୟରେ ଥିବା ଆସୁରିକ ପ୍ରବୃତ୍ତିକୁ ଶ୍ରୀ ନୃସିଂହ ଦେବ ନଷ୍ଟ କରିଦିଅନ୍ତି ।

୭– ଶ୍ରୀ ରାଧା କୃଷ୍ଣ ।

୮–ତୁଳସୀ ମହାରାଣୀ:– ପ୍ରତ୍ୟହ ପ୍ରାତଃ ମନ୍ଦିର ଖୋଲିବା ସମୟରେ ସୁସଜ୍ଜିତ ତୁଳସୀ ମହାରାଣୀଙ୍କୁ ମନ୍ଦିରରୁ ନିର୍ଦ୍ଦିଷ୍ଟ ବେଦୀକୁ ଆଣିବେ । ଆରତୀ ପରେ ବସ୍ତ୍ର ଖୋଲି ବାହାରେ ରଖିବେ ଏବଂ ଅନ୍ୟ ଏକ ସୁସଜ୍ଜିତ କୁଣ୍ଡ ସେଠାରେ ରଖିବେ । (ପ୍ରତ୍ୟହ ବ୍ୟବହାର ପାଇଁ ଅତିକମ୍‌ରେ ତିନି ଚାରୋଟି କୁଣ୍ଡ ରଖିବେ ।)

୯– ତୁଳସୀ କୁଣ୍ଡ ରଖିବା ଚୌକି :– (ଗୁରୁ ପରମ୍ପରା ରହୁଥିବା ଆସ୍ଥାନ ଠାରୁ ଉଚ୍ଚା ହେବା ଉଚିତ୍ ।)

୧୦– ପାଦୁକା :– ମୁଖ୍ୟ ବିଗ୍ରହଙ୍କ ପାଇଁ (ଧାତୁ ବା କାଠରେ ନିର୍ମିତ) ।

୧୧- ସୁବାସିତ ଜଳପୂର୍ଣ୍ଣ ଗ୍ଲାସ ଓ ଢାଙ୍କୁଣୀ (ଭଗବାନଙ୍କର ସ୍ନାନ ପରଠାରୁ ପରଦିନ ସ୍ନାନ ପର୍ଯ୍ୟନ୍ତ ରଖାଯିବ । (ରାତ୍ରିର ଶୟନ ପୂର୍ବରୁ ପୁନରାୟ ଜଳ ବଦଳାଇ ଦେବେ ।)

୧୨- ଆରତୀ ଥାଳି:- (ଆରତୀ ଉପକରଣ ବିଷୟ ଦେଖନ୍ତୁ ।)

୧୩- ଆରତୀ ଥାଳି ରଖିବା ପାଇଁ ଛୋଟ ଚୌକି:- (ଅଢେଇ ଫୁଟ ଉଚ୍ଚତା ବିଶିଷ୍ଟ) ଆରତୀ ସମୟ ବ୍ୟତିତ ଅନ୍ୟ ସବୁ ସମୟରେ ଘଣ୍ଟା ଓ ୨ଟି ଆଚମନ ପାତ୍ର ରହିବ ।

୧୪- ଭଗବାନଙ୍କ ନିମିତ୍ତ ତୁଳସୀ ପୁଷ୍ପ ମିଶ୍ରିତ ସୁବାସିତ ପବିତ୍ର ଜଳପୂର୍ଣ୍ଣ ଆଚମନ ପାତ୍ର ଓ ରୁମାଲ ।

୧୫- ଆଚମନ ପାତ୍ର ଓ ରୁମାଲ - ସୁବାସିତ ପୁଷ୍ପ ମିଶ୍ରିତ ପବିତ୍ର ଜଳ ଶ୍ରୀ ଗୁରୁଦେବଙ୍କ ତଥା ନିଜର ହସ୍ତ ପ୍ରକ୍ଷାଳନ ଓ ଦ୍ରବ୍ୟ ପବିତ୍ରିକରଣ ନିମିତ୍ତ । ବିଦ୍ର.: ଭଗବାନ ଏବଂ ଗୁରୁଦେବଙ୍କ ହସ୍ତ ଓ ମୁଖ ପୋଛିବା ପାଇଁ ଅଲଗା ଅଲଗା ରୁମାଲ ବ୍ୟବହାର କରାଯିବ । ରୁମାଲଟି ଅନ୍ୟ ସମୟରେ ଆଚମନ ପାତ୍ର ଉପରେ ଢଙ୍କାହୋଇ ରହିବ ।

୧୬- ପୂଜା ଘଣ୍ଟା :- (ଗରୁଡ଼ ବା ଚକ୍ର ଅଙ୍କିତ)

୧୭- ଚାମର :- (ଶ୍ୱେତରଙ୍ଗ, ଏହାକୁ ବସ୍ତ୍ର ଆବୃତ କରି ଝୁଲାଇ ରଖିବେ) ।

୧୮- ମୟୂରପଙ୍ଖା : (ରାସ ପୂର୍ଣ୍ଣିମା ବା ଓଢ଼ଣୀ ଷଷ୍ଠୀ ଠାରୁ ସରସ୍ୱତୀ ପୂଜା ପର୍ଯ୍ୟନ୍ତ ବନ୍ଦ ରହିବ । ତେବେ ଶୀତର ପ୍ରକୋପ ଅନୁସାରେ ବ୍ୟବହାର ବିଚାର ଯୋଗ୍ୟ ।)

୧୯- କୁଶ ଆସନ: (ଭୋଗ ନିବେଦନ ଏବଂ ସ୍ନାନ କରାଇବା ସମୟରେ ପୂଜାରୀ ବସିବେ କିନ୍ତୁ ଆରତୀ ସମୟରେ ଛିଡ଼ା ହୋଇ ଆରତୀ କରିବେ । ସେବା ପରେ ସମ୍ମୁଖରେ ରଖିବେ ନାହିଁ ଉଠାଇ ନେଇ ସାମାନ୍ୟ ଭିତରକୁ ରଖିବେ) ।

୨୦- ବାଦ୍ୟ ଶଙ୍ଖ (ଆରତୀ କରିବା ପୂର୍ବରୁ ଏବଂ ଆରତୀ ପରେ ମସ୍ତକେ ସ୍ପର୍ଶ କରି ପ୍ରଣାମ ପୂର୍ବକ ଶଙ୍ଖବାଦନ କରିବେ ।)

୨୧- ଜଳ ଲୋଟା (ଶଙ୍ଖ ବାଦନ ପୂର୍ବରୁ ଏବଂ ପରେ ଶଙ୍ଖ ପ୍ରକ୍ଷାଳନ ପାଇଁ)

୨୨- ବିସର୍ଜନ ପାତ୍ର (ଭୋଗ ନିବେଦନ ସମୟରେ ଭଗବାନଙ୍କର ହସ୍ତ ଓ ମୁଖ ପ୍ରକ୍ଷାଳନ ଜଳ ନିକ୍ଷେପ ପାଇଁ) ।

୨୩- ଭୋଗ ଚୌକି :- ସମସ୍ତ ଭୋଗ ସାମଗ୍ରୀ ସଜାଇ ଭୋଗ ଲଗାଇବେ । ଭୋଗ ଲଗାଇବା ପୂର୍ବରୁ ଓ ପରେ ପରିଷ୍କାର କରି ଆରତୀ କରିବେ କିନ୍ତୁ ଉତ୍ସବ ସମୟରେ ପ୍ରସାଦ ରଖି ଆରତୀ କରିବେ ।

୨୪-ଭୋଗ ଗ୍ରହଣ ପାଇଁ ଭଗବାନଙ୍କୁ ଆସନ ଅର୍ପଣ । (ଭୋଗ ଅର୍ପଣ ପୂର୍ବରୁ ବସିବା ପାଇଁ ବସ୍ତ୍ର ନିର୍ମିତ ସୁନ୍ଦର ଆସନ ଦେବେ ଏବଂ ଅର୍ପଣ ପରେ ଉଠାଇନେବେ ।)

୨୫-ଧୂପଦାନୀ (ଧୂପ ପାଉଁଶ ମନ୍ଦିର ଅପରିଷ୍କାର ନ କରିବା ପାଇଁ ପିତ୍ତଳ ସରାରେ ବାଲି ଭରି ରଖିବେ ।)

୨୬-ଶଙ୍ଖବାଦନ ସ୍ଥାନ (ମନ୍ଦିର ବାମପଟ ଦ୍ୱାରଦେଶ ବାହାରେ ।)

୨୭- ଶଙ୍ଖ ଧୌତ ଜଳ ନିକ୍ଷେପ ପାତ୍ର (ଏତଦ୍ ବ୍ୟତୀତ ମନ୍ଦିରରେ ଦିଆସିଲି, ମହମବତୀ ସହ ଷ୍ଟାଣ୍ଡ, ଦାନୀ, ତୁଳସୀପତ୍ର ଥିବା ପାତ୍ର, ଫୁଲଯୁକ୍ତ ପାତ୍ର, ଶ୍ରୀବିଗ୍ରହଙ୍କୁ ଶୟନ ଦେବାପାଇଁ ଶଯ୍ୟା, ସଜାଇବା ପାଇଁ ଫୁଲଦାନି, ମନ୍ଦିର ଓ ଶ୍ରୀବିଗ୍ରହଙ୍କ ପୋଛାବସ୍ତ୍ର, ଶୀତକାଳୀନ ବସ୍ତ୍ର, ପୂଜା ଓ ପାନୀୟ ଜଳ ରଖିବା ପାତ୍ର, ସ୍ନାନ ଓ ଭୋଗ

ନିବେଦନ ବାସନ ସମୂହ ଆବଶ୍ୟକ ।)

କେବେହେଲେ ବେଦିରେ ଭଗବାନଙ୍କ ଚିତ୍ରପଟ୍ଟ ଉପରେ କିମ୍ବା ଏକା ସାଥିରେ ଗୁରୁବର୍ଗଙ୍କର ଚିତ୍ରପଟ୍ଟ ରଖିବା ଉଚିତ ନୁହେଁ । ଗୁରୁଦେବ ଭଗବାନ ନୁହଁନ୍ତି, ତାଙ୍କର ପ୍ରିୟ ସେବକ । ଭଗବାନଙ୍କର ସେବା ଅଧିକାରରେ ଅଯୋଗ୍ୟ ହେତୁ ଆମ୍ଭେ ତାଙ୍କ ପ୍ରିୟ ଭକ୍ତଙ୍କ (ଗୁରୁ) ନିର୍ଦ୍ଦେଶ କ୍ରମେ ସେବାରେ ସହଯତା କରି ଭଗବାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗୁରୁବର୍ଗଙ୍କ ଚିତ୍ରପଟ୍ଟ ପୂଜା କରୁ । ତେଣୁ ତାହା ନିମ୍ନଭାଗରେ ସ୍ଥାପନ ଯୋଗ୍ୟ । କିନ୍ତୁ ଦେବାଦେବୀଙ୍କ ଚିତ୍ରପଟ୍ଟ ରଖି ପୂଜା ନିଷେଧ କାରଣ ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ ମନାକରିଛନ୍ତି । ଏପରିକି ଶ୍ରୀଚୈତନ୍ୟ ମହାପ୍ରଭୁ ତାଙ୍କର ଅନୁଗାମୀମାନଙ୍କୁ ଲକ୍ଷ୍ମୀନାରାୟଣଙ୍କର ଆରାଧନା ଅନୁମୋଦନ କରିନାହାଁନ୍ତି । ଅର୍ଦ୍ଧ ଓ ଭଗ୍ନ ବିଗ୍ରହ ପୂଜା ଅପରାଧଜନକ । ସଂପ୍ରଦାୟର ଆଚାର୍ଯ୍ୟଗଣ ପଞ୍ଚତତ୍ତ୍ୱଙ୍କର ଆରାଧନା କରନ୍ତି, ପଞ୍ଚତତ୍ତ୍ୱ, ଶ୍ରୀରାଧାକୃଷ୍ଣଙ୍କର ଆରାଧନା କରନ୍ତି; ତେଣୁ ଶ୍ରୀରାଧାକୃଷ୍ଣଙ୍କ ନିମ୍ନରେ ପଞ୍ଚତତ୍ତ୍ୱ, ତାଙ୍କ ନିମ୍ନରେ ସଂପ୍ରଦାୟର ଆଚାର୍ଯ୍ୟବର୍ଗ । ଏହିପରି ଉର୍ଦ୍ଧ୍ୱରୁ ନିମ୍ନକ୍ରମେ ବୈଷ୍ଣବ ଗଣଙ୍କ ବିବେକପୂର୍ଣ୍ଣ ବିଚାର କ୍ରମେ ଚିତ୍ରପଟ୍ଟ ସ୍ଥାପନ କରିବା ଉଚିତ । ଦେବତା, ମାତା, ପିତା ଓ ଆଦରଣୀୟ ବ୍ୟକ୍ତିଙ୍କୁ ନିଶ୍ଚିତ ଭାବେ ସମ୍ମାନ କରାଯାଏ । କିନ୍ତୁ ଭଗବାନ ଶ୍ରୀକୃଷ୍ଣଙ୍କ ସହ ପୂଜା କରାଯାଏ ନାହିଁ । ମନ୍ଦିର କକ୍ଷରେ ଅନେକ ନିୟମ ପାଳନ କରିବାକୁ ହୁଏ । ଏହା ଏହି ଗ୍ରନ୍ଥରେ 'ସେବା ଅପରାଧ' ବିଷୟରେ ଦିଆଯାଇଅଛି ।

ଅନନ୍ତ ବ୍ରହ୍ମାଣ୍ଡର ଅଧିପତି ଭଗବାନ ଶ୍ରୀକୃଷ୍ଣଙ୍କୁ ମନ୍ଦିର ଗୃହକୁ ଆସିବା ପାଇଁ ଏବଂ ଗୃହପତି ହେବା ପାଇଁ ଆମେ ନିମନ୍ତ୍ରଣ ଏବଂ ପ୍ରାର୍ଥନା କରୁ । ଏଣୁ ମନ୍ଦିରରେ ଆମ୍ଭମାନଙ୍କୁ ତାଙ୍କ ପ୍ରତି ଅତ୍ୟନ୍ତ ପୂଜ୍ୟ ଓ ଶ୍ରଦ୍ଧାପୂର୍ଣ୍ଣ ମନୋବୃତ୍ତି ରଖିବା ଉଚିତ୍ ।

# ପ୍ରାରମ୍ଭିକ ପୂଜା ପଦ୍ଧତି

ଆମେ ଆମର ବାସ୍ତବ ଅଭିଜ୍ଞତାରୁ ବୁଝୁ ଯେ, ପ୍ରତ୍ୟେକ ଦୀକ୍ଷିତ ଓ ଅଦୀକ୍ଷିତ ସମସ୍ତ ବ୍ୟକ୍ତି ପୂଜାର୍ଚ୍ଚନା ବିଷୟରେ ଜାଣିବା ପାଇଁ ବିଶେଷ ଆଗ୍ରହୀ କିନ୍ତୁ ଏହା ଅତ୍ୟନ୍ତ ବ୍ୟାପକ, ସେଇଥିପାଇଁ ତଳେ ସଂକ୍ଷିପ୍ତ ଭାବରେ ଆଲୋଚନା କରାଗଲା । ଅଧିକ ଭାବରେ ଜାଣିବା ପାଇଁ ଇଚ୍ଛୁକ ଭକ୍ତଗଣ ଇସ୍କନ୍ ପ୍ରକାଶିତ ପଞ୍ଚରାତ୍ର ପ୍ରଦୀପ ଓ ଅଭିଜ୍ଞ ଭକ୍ତଙ୍କ ଶରଣାପନ୍ନ ହେବେ । ଶ୍ରୀଲ ପ୍ରଭୁପାଦ ସବୁକିଛିର ଉର୍ଦ୍ଧ୍ୱରେ ପରିଚ୍ଛନ୍ନତା ଓ ନିୟମାନୁବର୍ତ୍ତିତା – ଏହି ଦୁଇଟି ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି ।

## ପ୍ରାତଃକୃତ୍ୟ ଓ ମଙ୍ଗଳ ଆରତୀ

ସୂର୍ଯ୍ୟୋଦୟର ଦେଢ଼ଘଣ୍ଟା ପୂର୍ବରୁ ପ୍ରାତଃ କାଳକୁ ବ୍ରାହ୍ମମୁହୂର୍ତ୍ତ କୁହାଯାଏ । ଏହି ସମୟରେ ପାରମାର୍ଥିକ କାର୍ଯ୍ୟାନୁଷ୍ଠାନ କରିବାର ନିର୍ଦ୍ଦେଶ ଦିଆଯାଇଅଛି । ପ୍ରାତଃକାଳେ (ବ୍ରହ୍ମ ମୁହୁର୍ତ୍ତରେ) ଆଧାତ୍ମିକ କାର୍ଯ୍ୟାନୁଷ୍ଠାନର ଫଳ ଦିନର ଅନ୍ୟ ଯେକୌଣସି ସମୟରେ ଅନୁଷ୍ଠିତ ପାରମାର୍ଥିକ କାର୍ଯ୍ୟାନୁଷ୍ଠାନ ଠାରୁ ଅଧିକ ଫଳଦାୟକ । ସ୍ୱାସ୍ଥ୍ୟ ରକ୍ଷାର୍ଥେ ନିଦ୍ରା ଯଦିଓ ପ୍ରୟୋଜନ ତଥାପି ତାହା ତାମସିକ ପ୍ରଭାବ ହେତୁ ଦେହ ଓ ମନରେ ଅଶୁଦ୍ଧତା ଆଣିଦିଏ । ତେଣୁ ସେହି ପ୍ରଭାବ ନଷ୍ଟ କରିବା ସଙ୍ଗେ ସୁସ୍ୱାସ୍ଥ୍ୟ ଓ ବିଧିବଦ୍ଧ ଜୀବନଯାପନ ପାଇଁ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ କରି ଦେହ ଓ ମନ ପରିଶୁଦ୍ଧ କରିବା ପ୍ରୟୋଜନ । ତେଣୁ ବ୍ରାହ୍ମମୁହୂର୍ତ୍ତ ପୂର୍ବରୁ ଶ୍ରୀ ଗୁରୁଦେବଙ୍କୁ ପ୍ରଣାମ ଓ ହରେକୃଷ୍ଣ ମହାମନ୍ତ୍ର ଉଚ୍ଚାରଣ ପୂର୍ବକ ଶଯ୍ୟା ତ୍ୟାଗ ପରେ ମଳମୂତ୍ର ତ୍ୟାଗ, ଦନ୍ତ ଧାବନ, ସ୍ନାନ ଶୌଚ, ପୋଷାକ ପରିଧାନ,

ଶିଖା ବନ୍ଧନ, ତିଳକଧାରଣ, ପୁଷ୍ପଚୟନ ଓ ଶୁଦ୍ଧି, ମନ୍ଦିର ମାର୍ଜନ, ପାଣି ଆନୟନ ଓ ପବିତ୍ରୀକରଣ(ଚନ୍ଦନ, କର୍ପୂର, ଅଗୁରୁ ଓ ଗୋଲାପ ଜଳ, ପୁଷ୍ପ, ଗଙ୍ଗାପାଣି ଇତ୍ୟାଦି ଦ୍ୱାରା), ଆରତୀ ଉପକରଣ ଓ ଭୋଗ (ମିଠା ଜାତୀୟ) ପ୍ରସ୍ତୁତ କରି ବାହାରେ ପ୍ରଣାମ କରି ତୁଳସୀ ମହାରାଣୀଙ୍କ କୁଣ୍ଡ ନେଇ ମନ୍ଦିରକୁ ପ୍ରବେଶ କରିବେ । ଗର୍ଭ ମନ୍ଦିରକୁ ଯିବାବେଳେ ଦ୍ୱାର ଦେଶରେ ଦୁଇ ଦ୍ୱାରପାଳଙ୍କ ଚରଣରେ ପୁଷ୍ପ ଅର୍ପଣ ଓ ପ୍ରଣାମ କରି ଭଗବାନଙ୍କ ସେବା କରିବାର ଅନୁମତି ନେଇ ପୂଜାସାମଗ୍ରୀ ସହ ହାତତାଳି ଦେଇ ବା ମୃଦୁସ୍ୱରରେ କବାଟକୁ ଆଘାତ କରି ବା ଦ୍ୱାରଦେଶରେ ଝୁଲୁଥିବା ଘଣ୍ଟି ବଜାଇ ଆଲୁଅ ଜାଳି ଜୟଧ୍ୱନୀ ସହକାରେ (ଶ୍ରୀଲ ଗୁରୁଦେବ, ଶ୍ରୀଲ ପ୍ରଭୁପାଦ, ଶ୍ରୀ ଶ୍ରୀ ଗୌର ନିତାଇ, ରାଧାମାଧବ, ଜଗନ୍ନାଥ, ବଳଦେବ, ସୁଭଦ୍ରା ଆଦି) ପ୍ରବେଶ କରିବେ ।

**ପୁଷ୍ପ ଶୁଦ୍ଧି ମନ୍ତ୍ର :-** *ଓଁ ପୁଷ୍ପେ ପୁଷ୍ପେ ମହାପୁଷ୍ପେ ସୁପୁଷ୍ପେ ପୁଷ୍ପ ସମ୍ଭବେ ।*
*ପୁଷ୍ପ ଚୟାବକୀର୍ଣ୍ଣେ ଚଲଂ ହୁଁ ଫଟ୍ ସ୍ୱାହା ॥*

ଫୁଲକୁ ଧୋଇ ଅର୍ପଣ କଲେ ଭଗବାନ ତାହା ଗ୍ରହଣ କରନ୍ତି ନାହିଁ । ଉପରୋକ୍ତ ମନ୍ତ୍ର ଉଚ୍ଚାରଣ ପୂର୍ବକ ପ୍ରଥମେ ପୁଷ୍ପରେ କିଛି ବୁନ୍ଦା ପବିତ୍ର ଜଳ ସିଞ୍ଚନ କରି ଶୁଦ୍ଧି କରିବେ ।

**ଜଳ ଶୁଦ୍ଧି ମନ୍ତ୍ର :-** ***ଗଙ୍ଗେ ଚ ଯମୁନେ ଚୈବ ଗୋଦାବରୀ ସରସ୍ୱତୀ ।***
***ନର୍ମଦେ ସିନ୍ଧୋ କାବେରୀ ଜଳେଽସ୍ମିନ୍ ସନ୍ନିଧିଂକୁରୁ ॥***

(ଗଙ୍ଗା ଯମୁନାଦି ଜଳ ପରିବର୍ତ୍ତେ ଏହି ମନ୍ତ୍ରରେ ଜଳ ଶୁଦ୍ଧି କରିବେ ।)

## ଶ୍ରୀଗୁରୁ ଓ ବିଗ୍ରହଗଣଙ୍କୁ ଜାଗରଣ

ବାମ ହାତରେ ଘଣ୍ଟି ବଜାଇ ଶ୍ରୀ ଗୁରୁଦେବଙ୍କ ଚରଣ କମଳ ସ୍ପର୍ଶ କରି ***"ଉତ୍ତିଷ୍ଠୋତ୍ତିଷ୍ଠ ଶ୍ରୀଗୁରୋ ତ୍ୟଜନିଦ୍ରା କୃପାମୟ"*** ମନ୍ତ୍ର ଉଚ୍ଚାରଣ ପୂର୍ବକ ସମ୍ଭ୍ରମ ସହକାରେ ଜାଗରଣ କରାଇବେ । (ମାନସିକ ଚିନ୍ତନ ଯେ ମୁଁ ଶ୍ରୀ ଗୁରୁଦେବଙ୍କୁ ଶଯ୍ୟାରୁ ନେଇ ସିଂହାସନରେ ବସାଉଛି ।) ତା'ପରେ ଆଚମନ, (ମୁଖ ପ୍ରକ୍ଷାଳନ), ଦନ୍ତଧାବନ, ପୁନଃ ଆଚମନ ଦେଇ ବସ୍ତ୍ର ଦ୍ୱାରା ହସ୍ତ ମୁଖ ପୋଛି ଚରଣରେ ପୁଷ୍ପ ଅର୍ପଣ କରି ଭଗବାନଙ୍କର ସେବା କରିବାର ଅନୁମତି ଭିକ୍ଷା କରିବେ । ତଦ୍ରୁପ ଗୁରୁ ପରମ୍ପରା, ଗୌରାଙ୍ଗ ମହାପ୍ରଭୁ, ପାର୍ଷଦବର୍ଗ ଓ ଶ୍ରୀରାଧାକୃଷ୍ଣ ଆଦି ଅନ୍ୟ ବିଗ୍ରହଗଣଙ୍କୁ କ୍ରମାନ୍ୱୟେ ନିମ୍ନୋକ୍ତ ମନ୍ତ୍ର ଦ୍ୱାରା ଜାଗରଣ କରାଇବେ । ଅର୍ଚ୍ଚା ବିଗ୍ରହ ଶଯ୍ୟାରେ ଶୟନ ଥିଲେ, ଜାଗରଣ କରି ଶଯ୍ୟାରୁ ଉଠାଇ ଆଣି ସିଂହାସନରେ ବସାଇବେ । ଏହିପରି ମୁଖ ପ୍ରକ୍ଷାଳନ, ଦନ୍ତ ଧାବନ ଆଦି କରିବେ । ତା'ପରେ ସମସ୍ତ ବିଗ୍ରହଙ୍କ ଚରଣରେ ପୁଷ୍ପ ଦେବେ । ଶ୍ରୀଗୌରାଙ୍ଗ, ଶ୍ରୀକୃଷ୍ଣ ଆଦି ବିଷ୍ଣୁ ତତ୍ତ୍ୱଙ୍କ ଚରଣରେ ତୁଳସୀପତ୍ର ନିବେଦନ କରିବେ । ମିଠା ଜାତୀୟ ଦ୍ରବ୍ୟ ଭୋଗ ନିବେଦନ ପରେ ବଂଶୀ ଓ ମୁକୁଟଆଦି ପିନ୍ଧାଇ ପୂର୍ଣ୍ଣ ଆରତୀ କରିବେ ।

## ଶ୍ରୀ ବିଗ୍ରହଗଣଙ୍କ ଜାଗରଣ ମନ୍ତ୍ର

**ନିତ୍ୟାନନ୍ଦ ପ୍ରଭୁ :-** ***ଉତ୍ତିଷ୍ଠ ଜାହ୍ନବେଶ୍ୱର ଯୋଗନିଦ୍ରାଂ ତ୍ୟଜପ୍ରଭୋ ।***
***ନାମ୍ନୋହଟେ ଦିବ୍ୟନାମଂ ସୁଶ୍ରଦ୍ଧାର୍ଥଂ ବିତରସି ॥***

**ଶ୍ରୀ ଗୌରାଙ୍ଗ ମହାପ୍ରଭୁ :-** ***ଉତ୍ତିଷ୍ଠୋତ୍ତିଷ୍ଠ ଗୌରାଙ୍ଗ ଜହି ନିଦ୍ରାଂ ମହାପ୍ରଭୋ ।***
***ଶୁଭ ଦୃଷ୍ଟି ପ୍ରଦାନେନ ତ୍ରୈଲୋକ୍ୟ ମଙ୍ଗଳମ୍ କୁରୁ ॥***

**ପଞ୍ଚତତ୍ତ୍ୱ :-** ***ଉତ୍ତିଷ୍ଠୋତ୍ତିଷ୍ଠ ପଞ୍ଚତତ୍ତ୍ୱ ତେଜନିଦ୍ରା କୃପାମୟ***

ଜଗନ୍ନାଥ,ବଳଦେବ, ସୁଭଦ୍ରା:- *ତ୍ୟଜ ନିଦ୍ରାଂ ଜଗନ୍ନାଥ ବଳଦେବୋତ୍ତିଷ୍ଠ ଚ ।*
*ଜଗନ୍ନାତର ସୁଭଦ୍ରେ ଉତ୍ତିଷ୍ଠୋତ୍ତିଷ୍ଠ ଶୁଭଦେ ।।*

ଶ୍ରୀନୃସିଂହଦେବ:- *ଉତ୍ତିଷ୍ଠୋତ୍ତିଷ୍ଠ ଶ୍ରୀ ନୃସିଂହ ତ୍ୟଜ ନିଦ୍ରା କୃପାମୟ ।*

ରାଧାକୃଷ୍ଣ:- *ଗୋ ଗୋପ ଗୋକୁଳାନନ୍ଦ ଯଶୋଦାନନ୍ଦବର୍ଦ୍ଧନ ।*
*ଉତ୍ତିଷ୍ଠ ରାଧୟା ସାର୍ଦ୍ଧଂ ପ୍ରାତରାସିଜ୍ଜଗତ୍ପତେ ।।*

## :: ଆରତୀର ଉପକରଣ ଓ ପ୍ରଣାଳୀ ::

୧. (୧) ବିଜୋଡ଼ ସଂଖ୍ୟକ ଧୂପ, (୨) ଘୃତ ସଳିତା ଯୁକ୍ତ ପଞ୍ଚପ୍ରଦୀପ (୩) ଜଳଶଙ୍ଖ ଓ ଶଙ୍ଖଦାନୀ (୪) ଅର୍ଘ୍ୟ ଜଳ ପାଇଁ ଜଳପୂର୍ଣ୍ଣ ଛୋଟ ଲୋଟା, (୫) ଗୋଟିଏ ରୁମାଲ, (୬) ଫୁଲ ଭର୍ତ୍ତି ଥାଳିଆ । ଏହି ସମସ୍ତ ଗୋଟିଏ ଥାଳିରେ ସଜାଇ ଓଁ ଅସ୍ତ୍ରାୟ ଫଟ୍ ମନ୍ତ୍ର ଉଚ୍ଚାରଣ ପୂର୍ବକ ପବିତ୍ରୀକରଣ କଳାପରେ ଜଳ ସିଞ୍ଚନ କରି ଆରତି କରିବେ ।

୨. ସେବା କରିବା ପାଇଁ ମନ୍ଦିର ଭିତରକୁ ଯିବା ପୂର୍ବରୁ ବାହାରେ ଆଚମନ ଓ ପ୍ରଣାମ କରି ଭିତରକୁ ଯିବେ, ପୁଣି ଫେରି ବାହାରେ ପ୍ରଣାମ କରିବେ । ଗର୍ଭ ମନ୍ଦିରରେ ପ୍ରଣାମ, ଜପ, ଗାୟତ୍ରୀ କରିବା ନିଷେଧ ।

୩. ଆରତୀ ପୂର୍ବରୁ ଓ ପରେ ଶଙ୍ଖକୁ ଧୋଇ ପ୍ରଣାମ ସୂଚକ ମସ୍ତକରେ ସ୍ପର୍ଶ କରି ମନ୍ଦିର ଦ୍ୱାର ଦେଶ ବାହାରେ ବାମପଟେ ଛିଡ଼ାହୋଇ ବଜାଇବେ ଓ ବାମପଟେ ଛିଡ଼ାହୋଇ ଆରତୀ କରିବେ ।

୪. ଭିତରକୁ ଯାଇ ବାମହାତରେ ଘଣ୍ଟି ବଜାଇ, ମନ୍ଦିର ଦ୍ୱାର (କବାଟ ବା ପର୍ଦ୍ଦା) ଉନ୍ମୋଚନ କରି ଆରତୀ କରିବେ । ପ୍ରତ୍ୟେକ ଥର ମନ୍ଦିର ଖୋଲିବା ଓ ବନ୍ଦ କରିବା ପୂର୍ବରୁ ଘଣ୍ଟି ବଜାଇବେ ।

୫. ମନ୍ଦିରରେ ଗୋଟିଏ ପ୍ରଦୀପ ଅଥବା ମହମବତୀ ଜଳାଇ ରଖିବେ ଯେଉଁଥିରୁ ଧୂପକାଠି ଓ ପ୍ରଦୀପ ଜଳାଇବେ ।

୬. ମନ୍ଦିର ଖୋଲିବା ଓ ବନ୍ଦ ହେବାମାତ୍ରେ ଶ୍ରୀବିଗ୍ରହମାନଙ୍କୁ ସମ୍ମାନ ସୂଚକ ଉପସ୍ଥିତ ଭକ୍ତବୃନ୍ଦ ଦଣ୍ଡବତ ପ୍ରଣାମ କରିବେ । ସେହି ସମୟରେ ଉପସ୍ଥିତ ଭକ୍ତମଣ୍ଡଳୀ କୀର୍ତ୍ତନ କରିବେ । କେହି ଯଦି ନଥାନ୍ତି ତେବେ ପୂଜାରୀ ନିଜେ ଆରତୀ କରିବା ସଙ୍ଗେସଙ୍ଗେ କୀର୍ତ୍ତନ ଗାଇବେ ।

୭. ପ୍ରତ୍ୟେକ ଆରତୀ ସାମଗ୍ରୀ ବ୍ୟବହାର ପୂର୍ବରୁ ଓ ପରେ ନିଜେ ହାତଧୋଇ, ତାକୁ ତିନି ବିନ୍ଦୁ ଜଳ ସିଞ୍ଚନ ଦ୍ୱାରା ପବିତ୍ର କରି ଆରତୀ କରିବେ ।

୮. ଆରତୀ ଉପକରଣ ଆଦି ମନୋରମ ଭାବେ ନିମଗ୍ନ ଚିତ୍ତରେ ନିବେଦନ କରିବା ଉଚିତ୍ । ବାମରୁ ଦକ୍ଷିଣକୁ ଚକ୍ରାକାରରେ ଠିକ୍ ଘଡ଼ିର କଣ୍ଟା ପରି ଘୂରାଇବେ । କିନ୍ତୁ ଖୁବ୍ ଦ୍ରୁତ ବା ଖୁବ୍ ଧିରେ ଧିରେ ଘୂରାଇବା ଉଚିତ୍ ନୁହେଁ । ନିବେଦନର ଭଙ୍ଗିମା ଯେପରି ଆଦୌ ଲୋକ ଦେଖାଣିଆ ନ ହୁଏ ତାହା

ଶ୍ରୀଗୁରୁଦେବ ଏବଂ ସମବେତ ବୈଷ୍ଣବ ମଣ୍ଡଳୀଙ୍କ ବିନୀତ ସେବକ ରୂପେ ପ୍ରଦର୍ଶିତ ହେବା ବାଞ୍ଛନୀୟ ।

୯. ଆସନରେ ଛିଡ଼ାହୋଇ ଘଣ୍ଟି ବଜାଇ ପ୍ରତ୍ୟେକ ଆରତୀ ସାମଗ୍ରୀ ପ୍ରଥମେ ଗୁରୁଦେବଙ୍କୁ ତିନିଥର ମନୋରମ ଭଙ୍ଗୀରେ ଦେଖାଇ ସେହିଭାବେ ପ୍ରଭୁପାଦ ଓ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ସମ୍ମାନାର୍ଥେ ଦେଖାଇ ଆଶୀର୍ବାଦ ସହ ଅନୁମତି ନେଇ ମୂଳ ବିଗ୍ରହଗଣଙ୍କୁ ଏହି ସମସ୍ତ ଆରତୀ ସାମଗ୍ରୀ ଗ୍ରହଣ ପାଇଁ ପ୍ରାର୍ଥନା କରି ଆରତୀ କରିବେ ଏବଂ ତାଙ୍କର ପ୍ରସାଦ ରୂପେ ନିମ୍ନକ୍ରମ ଅନୁସାରେ ଶ୍ରୀଭଗବାନଙ୍କ ପାର୍ଷଦ ବର୍ଗ ତୁଳସୀ ଏବଂ ଗୁରୁ ପରମ୍ପରା ଜ୍ୟେଷ୍ଠରୁ କନିଷ୍ଠ ସମସ୍ତଙ୍କୁ ସାତ ବା ତିନିଥର କରି ଚକ୍ରାକାରରେ ନିବେଦନ କରିବେ । ତା'ପରେ ବାହାରେ ସମବେତ ବୈଷ୍ଣବ, ଦେବତା ଓ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ତିନିଥର ନିବେଦନ କରିବେ । ଆରତୀ ପ୍ରସାଦ ରୂପେ ନିବେଦନ କରିବା ସମୟରେ କଟିଦେଶର ନିମ୍ନଭାଗରେ ନିବେଦନ କରିବା ଅନୁଚିତ୍ ।

୧୦. ଗୋଟିଏ ବସ୍ତୁ ଅର୍ପଣ କରିବା ପରେ ପୁନରାୟ ଥାଳିରେ ରଖିବେ ନାହିଁ ।

୧୧. ଆରତୀ ସମୟରେ ଘଣ୍ଟି ନାଭି ଉପରକୁ ରଖି ନିରନ୍ତର ବଜାଇବେ ।

୧୨. କର୍ପୂର ଆରତୀ କେବଳ ମଧ୍ୟାହ୍ନ ଭୋଗ ଆରତୀରେ ଧୂପ ପରେ ପ୍ରଦୀପ ପୂର୍ବରୁ ପଞ୍ଚପ୍ରଦୀପ ପ୍ରଣାଳୀ ପରି ନିବେଦନ କରାଯାଏ ।

୧୩. ପ୍ରଦୀପ ଓ କର୍ପୂର ଆରତୀ ସରିବା ପରେ ଉପସ୍ଥିତ ଭକ୍ତଙ୍କ ଉଦ୍ଦେଶ୍ୟରେ ବାହାରକୁ ଦେଇଦେବେ ।

୧୪. ଅର୍ଘ୍ୟ ଜଳପୂର୍ଣ୍ଣ ଲୋଟାରୁ ଜଳ ଶଙ୍ଖରେ ଢାଳି ସେଟାକୁ ଥାଳିର ବାହାରେ ରଖିବେ ।ଶଙ୍ଖଜଳ ମୂଳ ବିଗ୍ରହଙ୍କୁ ନିବେଦନ ପରେ ଲୋଟାରେ ଅଳ୍ପ ଜଳ ରଖି ଅନ୍ୟମାନଙ୍କୁ ସେହିପରି ନିବେଦନ କରିବେ । ଶେଷରେ ସମସ୍ତ ଜଳ ଲୋଟାରେ ରଖି ଶଙ୍ଖକୁ ବାହାରେ ରଖିବେ ।

୧୫. ପୁଷ୍ପ ମୂଳ ବିଗ୍ରହଗଣଙ୍କୁ ଆରତୀ ନିବେଦନ କରି ଚରଣରେ ଅର୍ପଣ କରିବେ, ଏହିପରି କ୍ରମାନ୍ୱୟେ ସମସ୍ତଙ୍କୁ ଆରତୀ ଅର୍ପଣ କରିବେ । ପୁଷ୍ପ ତୁଳସୀ ମହାରାଣୀଙ୍କୁ ନିବେଦନ କରିବା ପରେ ଗୁରୁ ପରମ୍ପରା ଓ ସମବେତ ଭକ୍ତମାନଙ୍କୁ ପ୍ରସାଦ ରୂପେ ନିବେଦନ କରିବେ । ଗୁରୁ ପରମ୍ପରା ଓ ସମବେତ ଭକ୍ତମାନଙ୍କୁ ନିବେଦନ କରିବା ପରେ ଭଗବାନଙ୍କୁ ଅର୍ପଣ କରିବା ଅପରାଧ ।

୧୬. ଆରତୀ ଶେଷରେ ଶଙ୍ଖବାଦନ ପରେ ଭଗବାନଙ୍କ ନିକଟରେ ହାତଯୋଡ଼ି କ୍ଷମା ପ୍ରାର୍ଥନା କରି ବାହାରକୁ ଆସି ଅର୍ଘ୍ୟଜଳ ପାତ୍ରରେ ରଖାଥିବା ନିବେଦିତ ଅର୍ଘ୍ୟଜଳ (ଶଙ୍ଖଜଳ) ସମବେତ ଭକ୍ତଙ୍କ ଉପରେ ଛିଟାଇବେ ଓ ଶ୍ରୀବିଗ୍ରହଙ୍କ ଚରଣରେ ଅର୍ପିତ ପୁଷ୍ପ ଆଣି ଦେବେ ।

୧୭. ପରିଷ୍କାର କପଡ଼ାରେ ମନ୍ଦିର ପୋଛି ଚାମର ଓ ମୟୂରପଙ୍ଖା ବ୍ୟତୀତ ଆରତୀ ସାମଗ୍ରୀ ଧୋଇ ଦେବେ ।

୧୮. ସମୟ ଅଭାବରେ ଧୂପ, ଜଳଶଙ୍ଖ, ବସ୍ତ୍ର ଓ ପୁଷ୍ପ ଆଦିକୁ କମ୍ ଥର ଚକ୍ରାକାରରେ ପ୍ରଦର୍ଶନ କରିଲେ ଚଳିବ । (ଅତି କମ୍‌ରେ ୧୦ମିନିଟ୍)

## ଆରତୀ କରିବା ପ୍ରଣାଳୀ

| | ପାଦ | ନାଭି | ମୁଖମଣ୍ଡଳ | ସର୍ବାଙ୍ଗ | ଅର୍ପଣର ଉଦ୍ଦେଶ୍ୟ |
|---|---|---|---|---|---|
| ଧୂପ | - | - | - | ୭ଥର | ଗୃହ ସୁଗନ୍ଧିତ |
| ପ୍ରଦୀପ | ୪ | ୨ | ୩ | ୭ଥର | ସୁନ୍ଦରତା ଦର୍ଶନ |
| ଜଳଶଙ୍ଖ | - | - | ୩ | ୭ଥର | ମାଙ୍ଗଳିକ ଦ୍ରବ୍ୟ ପ୍ରଦାନ |

| | | | | | |
|---|---|---|---|---|---|
| ବସ୍ତ୍ର | – | – | – | ୭ଥର | ନୂତନ ବସ୍ତ୍ର ପ୍ରଦାନ |
| ପୁଷ୍ପ | – | – | – | ୭ଥର | ପୁଷ୍ପ୍ୟ ଓ ମାଲ୍ୟ ପ୍ରଦାନ |

ଚାମର –ସର୍ବାଙ୍ଗେ ସମୟାନୁସାରେ ସୁନ୍ଦର ଭାବେ ଢୁଲାଇବେ – ସମ୍ମାନ ଓ ଅଭ୍ୟର୍ଥନା

ମୟୂରପଙ୍ଖା–ଶୀତଦିନ ବ୍ୟତୀତ ଅନ୍ୟ ଦିନରେ ସର୍ବାଙ୍ଗେ
ସମୟାନୁସାରେ ସୁନ୍ଦର ଭାବେ ପଙ୍ଖା କରିବେ ।

କ୍ଷମା ପ୍ରାର୍ଥନା :– ***ମନ୍ତ୍ରହୀନଂ କ୍ରିୟାହୀନଂ ଭକ୍ତିହୀନଂ ଜନାର୍ଦ୍ଦନ ।***
***ଯତ୍ ପୂଜିତଂ ମୟା ଦେବ ପରିପୂର୍ଣ୍ଣ ତଦସ୍ତୁମେ ॥***

(ତୁଳସୀ ଆରତୀ ପାଇଁ ୬୩ ପୃଷ୍ଠା ବା ବିଷୟ ସୂଚୀପତ୍ର ଦେଖନ୍ତୁ)

## ସ୍ନାନ

ମନ୍ଦିର ବନ୍ଦ କରି ପ୍ରତ୍ୟେହ ସକାଳେ ଶ୍ରୀବିଗ୍ରହଙ୍କର ଅର୍ଚ୍ଚନ କରିବା ଉଚିତ୍ । ଗନ୍ଧ, ପୁଷ୍ପ, ତୁଳସୀ ଓ ଉପଚାର ସାମଗ୍ରୀ ସଂଗ୍ରହ କରି ସ୍ନାନ ପାତ୍ରରେ ପାର୍ଶ୍ୱଚିତ୍ର ପରି ଚନ୍ଦନ ଦ୍ୱାରା ଅଷ୍ଟଦଳପଦ୍ମ ଅଙ୍କନ କରି ବିଜାକ୍ଷର ଲେଖି ତୁଳସୀ ଓ ପୁଷ୍ପ ଦେଇ ପ୍ରସ୍ତୁତ ରଖିବେ । (ଗୁରୁଦେବଙ୍କ ସ୍ନାନପାତ୍ରରେ ତୁଳସୀ ଦେବେନାହିଁ) ମୁଁ ଶ୍ରୀକୃଷ୍ଣଙ୍କର ନିତ୍ୟ ଦାସ କିନ୍ତୁ ଅନାଦି କାଳରୁ କୃଷ୍ଣ ବିମୁଖ ହୋଇ ମାୟା ସଂସାରରେ ବାରମ୍ବାର ଜନ୍ମମୃତ୍ୟୁ ଚକ୍ରରେ ଘୁରିବୁଲୁଥିଲି, ଗୁରୁଦେବଙ୍କ କୃପାରୁ ଶ୍ରୀକୃଷ୍ଣଙ୍କର ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି– ଏହା ଚିନ୍ତା କରିବେ । ଆସନ ଶୁଦ୍ଧିକରି ଗନ୍ଧ ପୁଷ୍ପ ଦେଇ ଘଣ୍ଟା ଓ ସ୍ନାନଶଙ୍ଖ ପୂଜା କରିବେ । ମଙ୍ଗଳ ଆରତୀରେ ଅର୍ପିତ ତୁଳସୀ ଓ ପୁଷ୍ପ ଖୋଲିଦେବେ । ପ୍ରଧାନ ବିଗ୍ରହଙ୍କୁ ପୂଜା କରିବା ପୂର୍ବରୁ ପ୍ରଥମେ ଗୁରୁଦେବଙ୍କୁ ସ୍ୱତନ୍ତ୍ର ଭାବେ ପୂଜା (ସ୍ନାନ) କରାଇ ତାଙ୍କ ଅନୁମତି ନେଇ ଗୌର ପୂଜା, ରାଧାକୃଷ୍ଣ ଓ  ଶାଳଗ୍ରାମଙ୍କର ପୂଜା କରିବେ । ପୂଜା ସମୟରେ ସେହିମାନଙ୍କର ପ୍ରଣାମ ଓ ଧ୍ୟାନର ନିର୍ଦ୍ଦିଷ୍ଟ ମନ୍ତ୍ର ପାଠ କରି ପ୍ରଥମେ ମାନସ ପୂଜା କରିବେ । **ମାନସ ପୂଜା :** ଧ୍ୟାନ ମାଧ୍ୟମରେ ଷୋଡ଼ଶ ଉପଚାରରେ ଶ୍ରୀବିଗ୍ରହଙ୍କୁ ପୂଜା କରିବେ । ଏହାପରେ ବାହ୍ୟଭାବେ ନିଜ ସୁବିଧାନୁସାରେ ନିମ୍ନୋକ୍ତ ଯେକୌଣସି ଉପଚାରରେ ପୂଜା କରିବେ ।

ଯଦି ଆପଣ ବଡ଼ ଓ ଭାରି ବିଗ୍ରହ କିମ୍ବା ଆଲେଖ୍ୟ ବା ଦାରୁଆଦି ନିର୍ମିତ ସ୍ନାନ ଯୋଗ୍ୟ ହୋଇନଥିବା ବିଗ୍ରହ ପୂଜା କରୁଥାନ୍ତି ତେବେ (ଛୋଟ ବିଗ୍ରହ ବା ଆଲେଖ୍ୟ ହୋଇଥିଲେ ତଳକୁ ଆଣି ଆସନରେ ବସାଇବେ) ତାଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ସ୍ନାନପାତ୍ର ତାଙ୍କ ସମ୍ମୁଖରେ ରଖିବେ । ଉପଚାର ସମୂହ ଉଦ୍ଦେଶ୍ୟରେ ଚନ୍ଦନ ମିଶ୍ରିତ ଫୁଲ ପାଖୁଡ଼ା ବା ଆଚମନ ପାତ୍ରରୁ ଜଳ ସ୍ନାନ ପାତ୍ରରେ ଅର୍ପଣ କରନ୍ତୁ । ଜଳ ଶଙ୍ଖରେ ପୁଷ୍ପ ମିଶ୍ରିତ ପବିତ୍ର ଜଳଦେଇ (ବିଷ୍ଣୁ ତତ୍ତ୍ୱ ହୋଇଥିଲେ ତୁଳସୀ ଦେବେ) ସମ୍ମୁଖରେ ଦେଖାଇ ତାଙ୍କ ସ୍ନାନ ପାତ୍ରରେ ଢାଳି ତାଙ୍କୁ ଧ୍ୟାନରେ ସ୍ନାନ କରାଇବେ । ଅର୍ଚ୍ଚା ବିଗ୍ରହ ସ୍ନାନ ଯୋଗ୍ୟ ହୋଇଥିଲେ ଯେତେ ସମ୍ଭବ ପ୍ରକୃତ ଉପଚାର (ଦ୍ରବ୍ୟ) ଅର୍ପଣ କରିବେ । ପ୍ରତ୍ୟହ ସ୍ନାନ ଓ ପୋଷାକ ପରିଧାନ କରାଇବେ, କୌଣସିଟା କରାଇବା ସମ୍ଭବ ନହେଲେ ପ୍ରତି ସପ୍ତାହରେ ବା ପ୍ରତି ଏକାଦଶୀ ତିଥିରେ ଅବଶ୍ୟ କରାଇବେ । ବିଗ୍ରହ ତମ୍ବା ଓ ପିତ୍ତଳ ଆଦି ଧାତୁ ନିର୍ମିତ ହୋଇଥିଲେ ପନ୍ଦରଦିନ ଅନ୍ତରରେ ଭିଜା ତିଳକରେ ଲେମ୍ବୁରସ ମିଶାଇ କାଦୁଅପରି କରି ସ୍ନାନ ପୂର୍ବରୁ ସର୍ବାଙ୍ଗେ ଭଲଭାବେ ଲଗାଇ କିଛି ସମୟ ରଖି ପରିଷ୍କାର କରିଦେବେ । ତେବେ ବିଗ୍ରହଙ୍କ ଶ୍ରୀଅଙ୍ଗ ଅତ୍ୟନ୍ତ ଚକ୍ ଚକ୍ ଦେଖାଯିବ । ନିମ୍ନ ଉପଚାର ସମୂହ ନିବେଦନ ସମୟରେ ନିର୍ଦ୍ଦିଷ୍ଟ ପୁରୁଷସୂକ୍ତ ମନ୍ତ୍ର କେବଳ ବିଷ୍ଣୁତତ୍ତ୍ୱଙ୍କ

ଅର୍ଚ୍ଚନରେ ପାଠ କରିବେ ।

**ପଞ୍ଚ ଉପଚାର :** ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ।

**ଦଶ ଉପଚାର :** ଆସନ, ସ୍ୱାଗତ, ପାଦ୍ୟ, ଅର୍ଘ୍ୟ, ଆଚମନ, ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ । (ଗନ୍ଧ-ଚନ୍ଦନ, କର୍ପୂର ଓ ଅଗୁରୁ ଏକତ୍ର ମିଶ୍ରଣ) ।

## ଷୋଡ଼ଶ ଉପଚାର

**୧. ଇଦଂ ଆସନମ୍ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ସ୍ନାନ ପାତ୍ରରେ ସଚନ୍ଦନ ଫୁଲ ରଖିବା ସହିତ ହସ୍ତରେ ଇଙ୍ଗିତ କରି ଆସନ ପ୍ରଦାନ କରନ୍ତୁ ।

**୨. ସ୍ୱାଗତଂ ସୁସ୍ୱାଗତମ୍ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ହାତ ଯୋଡ଼ି ଆସନ (ସ୍ନାନପାତ୍ର) ଉପରକୁ ଆହ୍ୱାନ କରନ୍ତୁ ।

**୩. ଏତତ୍ ପାଦ୍ୟଂ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ସ୍ନାନ ପାତ୍ରରେ ଶ୍ରୀଚରଣ କମଳ ପ୍ରକ୍ଷାଳନ ନିମନ୍ତେ ଜଳ ପ୍ରଦାନ କରନ୍ତୁ ।

**୪. ଇଦଂ ଅର୍ଘ୍ୟମ୍ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ଦକ୍ଷିଣ ହସ୍ତ ଚିନ୍ତନ କରି ସ୍ନାନ ପାତ୍ରରେ ଅଥବା ବିସର୍ଜନ ପାତ୍ରରେ ଅର୍ଘ୍ୟଜଳ ପ୍ରଦାନ କରନ୍ତୁ, ଯାହାକି ସେ ନିଜ ହସ୍ତ ଧୋଇ କିଛି ଜଳ ମସ୍ତକରେ ଛିଞ୍ଚି ହେବେ ।

**୫. ଇଦଂ ଆଚମନୀୟମ୍ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ଆଚମନ ମୁଖ ପ୍ରକ୍ଷାଳନ କରାଇ ବିସର୍ଜନ ପାତ୍ରରେ ଜଳ ଦିଅନ୍ତୁ ।

**୬. ଏଷ ମଧୁପର୍କଃ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ଗୋଟିଏ ଉତ୍ତମ ପାତ୍ରରେ ଦୁଗ୍ଧ, ଦଧି, ଘୃତ, ମଧୁ, ଚିନି ବା ମିଶ୍ରି ଜଳ ଏକତ୍ର ମିଶ୍ରଣ କରି ଭୋଜନ ପାଇଁ ଅର୍ପଣ କରି ତତ୍‌ପରେ ସ୍ନାନ ପାତ୍ରରେ ଢାଳିଦେଇ ପାରନ୍ତି ।

**୭. ଇଦଂ ପୁନରାଚମନୀୟମ୍ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ପୁନଃ ମୁଖ ପ୍ରଖ୍ୟାଳନ କରାଇ ବିସର୍ଜନ ପାତ୍ରରେ ଜଳ ପ୍ରଦାନ କରନ୍ତୁ ।

**୮. ଇଦଂ ସ୍ନାନୀୟମ୍-** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ଶ୍ରୀଅଙ୍ଗରେ ସୁଗନ୍ଧି ତୈଳ ମାର୍ଜନ କରନ୍ତୁ ।

*ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ସ୍ନାନ ଶଙ୍ଖରେ ସୁଗନ୍ଧିତ ଜଳ ବା ପଞ୍ଚାମୃତ-ଦୁଗ୍ଧ, ଦହି, ଘୃତ, ମଧୁ ଓ ଶର୍କରା (ଚିନି ବା ମିଶ୍ରିଜଳ) ନେଇ ସ୍ନାନ କରାଅ । ଏହି ସମୟରେ ସେମାନଙ୍କର ନିର୍ଦ୍ଦିଷ୍ଟ ସ୍ତବ ଓ ବନ୍ଦନା କରିବେ । ବିଷ୍ଣୁ ତତ୍ତ୍ୱ ହୋଇଥିଲେ ବ୍ରହ୍ମସଂହିତା ଗାନ କରିବେ । ବିଗ୍ରହଙ୍କୁ ସ୍ନାନପାତ୍ରରୁ ଉଠାଇ ଆଣି ପୋଛି ଆସନରେ ରଖିବେ ।

**୯. ଇଦଂ ବସ୍ତ୍ରଂ-** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ସୁନ୍ଦର ବସ୍ତ୍ର ପିନ୍ଧାଇ ଦିଅ ଅଥବା ବିସର୍ଜନ ପାତ୍ରରେ ପୁଷ୍ପାର୍ପଣ କର ।

**ଇଦଂ ଉପବିତମ୍-** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ଅଭାବରେ ପୁଷ୍ପାର୍ପଣ କର (ସମ୍ମୁଖରେ)

**ଇଦଂ ତିଲକମ୍ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ବିଗ୍ରହଙ୍କ କପାଳ ଆଦିକୁ ଚନ୍ଦନ, ତିଳକ, କୁଙ୍କୁମାଦି ଦ୍ୱାରା ସୁସଜ୍ଜିତ କରିବେ ଅଭାବରେ ପୁଷ୍ପାର୍ପଣ କରନ୍ତୁ (ସମ୍ମୁଖରେ) ।

**୧୦. ଇମାନି ଆଭରଣାନି –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ଆଭୂଷଣ (ଅଳଙ୍କାର) ପ୍ରଦାନ କରନ୍ତୁ ଅଥବା ପୁଷ୍ପାର୍ପଣ କରନ୍ତୁ (ସମ୍ମୁଖରେ)

**୧୧. ଏଷ ଗନ୍ଧଃ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ଶ୍ରୀଚରଣେ ସଚନ୍ଦନ ଫୁଲ ଅର୍ପଣ କର ଏବଂ ଲଲାଟରେ ଲେପନ କରନ୍ତୁ ।(ଗନ୍ଧ-ଚନ୍ଦନ, କର୍ପୁର, ଅଗୁର ମିଶ୍ରିତ)

**୧୨. ଏତାନି ପୁଷ୍ପାନି-** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* (କେବଳ ବିଷ୍ଣୁତତ୍ତ୍ୱଙ୍କ) ଶ୍ରୀଚରଣେ ଚନ୍ଦନ ସିକ୍ତ ପୁଷ୍ପାର୍ପଣ ସହିତ ତୁଳସୀ ଅର୍ପଣ କର । ଡ଼େଙ୍ଫ ଥିବା ତୁଳସୀ ପତ୍ରର ଶିରା ଥିବା ତଳପଟେ ଚନ୍ଦନ ଲଗାଇ ଡ଼େଙ୍ଫ ଉପରକୁ ରଖି ଭଗବାନଙ୍କ ଚରଣରେ ଲଗାଇବେ । ଏହି ସମୟରେ ଆପଣ ମଧ୍ୟ ପୁଷ୍ପମାଲ୍ୟ ପିନ୍ଧାଇ ପାରିବେ । ଗୁରୁପରମ୍ପରାଙ୍କ ଚରଣରେ ତୁଳସୀ ଦେବେ ନାହିଁ ।

**୧୩. ଏଷ ଧୂପଃ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ଧୂପ ଅର୍ପଣ କରନ୍ତୁ, ଅଭାବରେ ବିସର୍ଜନ ପାତ୍ରରେ ପୁଷ୍ପ ବା ଜଳାର୍ପଣ କରନ୍ତୁ ।

**୧୪. ଏଷ ଦୀପଃ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ଦୀପ ଅର୍ପଣ କରନ୍ତୁ, ଅଭାବରେ ବିସର୍ଜନ ପାତ୍ରରେ ପୁଷ୍ପ ବା ଜଳାର୍ପଣ କରନ୍ତୁ ।

**୧୫. ଇଦଂ ନୈବେଦ୍ୟ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-*ପାଦ୍ୟ ଆଚମନ ଦେଇ ଭୋଗ ଅର୍ପଣ କରନ୍ତୁ । (ମିଠା ବା ଫଳ)

ଇଦଂ ସର୍ବମ୍ –*ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ଶ୍ରୀଚରଣେ ପୁଷ୍ପାର୍ପଣ କରନ୍ତୁ, ଯାହାକି ଅତିରିକ୍ତ ଦ୍ରବ୍ୟ ପ୍ରତି ସ୍ଥାନରେ ତାଙ୍କୁ ଆନନ୍ଦ ଦେଇପାରିବ ।

**୧୬. ଇତି ନମସ୍କାରଃ –** *ଶ୍ରୀବିଗ୍ରହଙ୍କ ମୂଳମନ୍ତ୍ର-* ଗାୟତ୍ରୀ ନୀରବର ସହିତ ଦଶବାର ଜପ କରନ୍ତୁ । (ହରିନାମ ଦୀକ୍ଷିତ ଭକ୍ତ ମହାମନ୍ତ୍ର କରିବେ) ତତ୍ପରେ ସ୍ତବ ପାଠ, ପଞ୍ଚତତ୍ତ୍ୱ ମନ୍ତ୍ର, ମହାମନ୍ତ୍ର ଓ କ୍ଷମା ପ୍ରାର୍ଥନା କରନ୍ତୁ ।

ସିଂହାସନରେ ଥିବା ଅନ୍ୟ ସମସ୍ତ ବିଗ୍ରହଙ୍କୁ (ଚିତ୍ରପଟ୍ଟ) ଭିଜାବସ୍ତ୍ରରେ ପୋଛି, ଚରଣରେ ଚନ୍ଦନ ମିଶ୍ରିତ ତୁଳସୀ ଓ ପୁଷ୍ପ କପାଳରେ ଗନ୍ଧ ଓ ମାଲ୍ୟାଦିରେ ସୁସଜ୍ଜିତ କରି ପ୍ରାତଃ ବାଲ୍ୟ ଭୋଗ ଲଗାଇ ଦର୍ଶନ ଆରତୀ କରିବେ ବା ଅଳ୍ପ କିଛି ଭୋଗ ଲଗାଇ ଦର୍ଶନ ଆରତୀ ପରେ ପ୍ରାତଃବାଲ୍ୟ ଭୋଗ ଲଗାଇ ପାରନ୍ତି । (ନବାଗତା ଭକ୍ତ ଏହି ପଦ୍ଧତିରେ ସେବା କରିବେ ।)

**ବି.ଦ୍ର.:** (୧) ସର୍ବଦା ପୂଜା ନିମନ୍ତେ ମନ୍ଦିର କକ୍ଷକୁ ଯିବା ପୂର୍ବରୁ ବାହାରେ ହସ୍ତପାଦ ଧୋଇ ଆଚମନ ଓ ପ୍ରଣାମ କରି ହାତତାଳି ବା ଦ୍ୱାରଦେଶରେ ଥିବା ଘଣ୍ଟି ବଜାଇ ଜୟଧ୍ୱନୀ ଦେଇ ପ୍ରବେଶ କରିବେ । (୨) ଆସନରେ ଉପବିଷ୍ଟ ହୋଇ ଘଣ୍ଟା ବଜାଇ ଅର୍ଚ୍ଚନ ଓ ଭୋଗ ନିବେଦନ ଆଦି କରିବେ । ସୁବାସ ବିହୀନ, କଟୁ ଗନ୍ଧଯୁକ୍ତ ମନ୍ଦାର ଆଦି ଫୁଲ ପୂଜାରେ ଲଗାଇବେନାହିଁ । (୩) ଗୁରୁ ଓ ଭଗବାନଙ୍କ ପ୍ରତିମା ତଥା ଶାସ୍ତ୍ର ଭଳି ପବିତ୍ର ବସ୍ତୁକୁ ସାବଧାନ ବା ଆଦର ସହକାରେ ନେବା ଆଣିବା ଓ ସେବା କରିବା ଉଚିତ୍ । ଯେପରି କୌଣସି ଆଘାତ ନ ଲାଗିବ ବା ତଳେ ପଡ଼ି ନ ଯାଆନ୍ତି । ଏହିପରି ଭଗବାନଙ୍କ ସେବାରେ ବ୍ୟବହୃତ ମୃଦଙ୍ଗ, କରତାଳ ଆଦି ପ୍ରତ୍ୟେକ ବସ୍ତୁକୁ ସାବଧାନ ପୂର୍ବକ ବ୍ୟବହାର କରିବା ଉଚିତ ଯେପରି ସେଥିରେ ପାଦ ନ ଲାଗିଯାଏ ।

***ଦର୍ଶନ ଆରତୀ :*** ଅର୍ଚ୍ଚନ ପରେ ଶଙ୍ଖ ବଜାଇ ମନ୍ଦିର ଖୋଲିବେ । ଶ୍ରୀବିଗ୍ରହ ବା ଚିତ୍ରପଟ୍ଟଙ୍କୁ ସୁନ୍ଦର ଗୋଲାକୃତି ବଡ଼ ଅଇନା ଦେଖାଇବେ, ସୁଗନ୍ଧିତ ଅତର (ସେଣ୍ଟ) ଓ ଗୋଲାପ ଜଳ ମିଶାଇ ଦେବେ ଏବଂ ଚାମର ଢୁଳାଇବେ କିମ୍ବା ଏହା ପରିବର୍ତ୍ତେ ଧୂପ, ପୁଷ୍ପ ଓ ଚାମର ଦ୍ୱାରା ସ୍ୱଳ୍ପ ସମୟ ଆରତୀ କରିପାରନ୍ତି ।

ମଧ୍ୟାହ୍ନ ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ ।

***ଗୁରୁପୂଜା :*** ନାଟମନ୍ଦିରରେ ନଚେତ୍ ମନ୍ଦିର ବେଦୀରେ ସୁସଜ୍ଜିତ ଥିବା ଶ୍ରୀଗୁରୁଦେବ ଓ ଶ୍ରୀଲ ପ୍ରଭୁପାଦଙ୍କୁ ପ୍ରତ୍ୟହ ଦର୍ଶନ ଆରତୀପରେ କପାଳରେ ଚନ୍ଦନ ଲଗାଇଦେଇ ପ୍ରଣାମ ମନ୍ତ୍ର ଉଚ୍ଚାରଣ କରି ଚରଣରେ ଅବଶ୍ୟ ପୁଷ୍ପ ଅର୍ପଣ କରିବେ । ସମ୍ଭବ ହେଲେ ଫୁଲମାଳା ପିନ୍ଧାଇ ପୂର୍ଣ୍ଣ ଆରତୀ କରିବେ ।

## ପୁରଷସୁକ୍ତ ମନ୍ତ୍ର

**୧. ଇଦଂ ଆସନମ୍-** ଓଁ ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।
ସଭୂମିଂ ବିଶ୍ୱତୋ ବୃତ୍ୱାତ୍ୟତିଷ୍ଠାଦ୍ ଦଶାଙ୍ଗୁଳମ୍ ॥

**୨.ସ୍ୱାଗତଂ ସୁସ୍ୱାଗତମ୍-** ଓଁ ପୁରୁଷ ଏବେଦଂ ସର୍ବଂ ଯଭୁତଂ ଯଚ୍ଚ ଭବ୍ୟମ୍ ।
ଉତାମୃତତ୍ୱସ୍ୟେଶାନୋ ଯଦ୍ ଅନ୍ନେନାତି ରୋହତି ॥

**୩. ଏତଦ୍ ପାଦ୍ୟଂ-** ଓଁ ଏତାବାନ୍ ଅସ୍ୟ ମହିମାଅତୋ ଜ୍ୟାୟାଂଶ୍ଚ ପୁରୁଷଃ ।
ପାଦୋଽସ୍ୟ ବିଶ୍ୱ ଭୂତାନି ତ୍ରିପାଦ୍ ଅସ୍ୟାମୃତଂ ଦୀବୀ ॥

**୪. ଇଦଂ ଅର୍ଘ୍ୟମ୍-** ଓଁ ତ୍ରିପାଦ୍-ଉର୍ଦ୍ଧ୍ୱ ଉଦୈତ୍ ପୁରୁଷଃ ପାଦୋଽସ୍ୟେଽଭବାତ୍ ପୁନଃ ।
ତତୋ ବିଶ୍ୱଙ୍ ବ୍ୟକ୍ରାମତ୍ ସାଶନାନଶନେ ଅଭି ॥

**୫. ଇଦଂ ଆଚମନୀୟମ୍-** ଓଁ ତସ୍ମାତ୍ ବିରାଦ୍ ଅଜାୟତ୍ ବିରାଜୋ ଅଧି ପୁରୁଷଃ ।
ସ ଜାତୋ ଅତ୍ୟରିଚ୍ୟତ ପଶ୍ଚାଦ୍ ଭୂମିଂ ଅଥୋ ପୁରଃ ॥

**୬. ଏଷ ମଧୁପର୍କଃ-** ଓଁ ଯତ୍ ପୁରୁଷେଣ ହବିଷା ଦେବା ଯଜ୍ଞମ୍ ଅତନ୍ୱତ ।
ବସନ୍ତୋ ଅସ୍ୟାସୀଦ୍ ଆଜ୍ୟଂ ଗ୍ରୀଷ୍ମଇଧ୍ମଃ ଶରଦ୍ ଧାବିଃ ॥

**୭. ଇଦଂ ପୁନରାଚମନୀୟମ୍-** ଓଁ ସପ୍ତାସ୍ୟାସନ୍ ପରିଧୟଃ ତ୍ରିଃ ସପ୍ତ ସମିଧଃ କୃତାଃ ।
ଦେବା ଯଦ୍ ଯଜ୍ଞ-ତନ୍ୱନା ଅବଧ୍ନନ୍ ପୁରୁଷଂ ପଶୁମ୍ ॥

**୮. ଇଦଂ ସ୍ନାନୀୟମ୍-** ଓଁ ତଂ ଯଜ୍ଞଂ ବର୍ହିଷି ପ୍ରୌକ୍ଷନ୍ ପୁରୁଷଂଯାତମଗ୍ରତଃ ।
ତେନ ଦେବା ଅଯଜନ୍ତ ସାଧ୍ୟା ଋଷୟଶ୍ଚ ଯେ ॥

**୯. ଇଦଂ ବସ୍ତ୍ରଂ-** ଓଁ ତସ୍ମାତ୍ ଯଜ୍ଞାତ୍ ସର୍ବହୂତଃ ସଂଭୃତଂ ପୃଷଦାଜ୍ୟଂ ।
ପଶୁନ୍ ତାଂ ଶ୍ଚକ୍ରେ ବାୟବ୍ୟାନ୍ ଅରଣ୍ୟାନ୍ ଗ୍ରାମ୍ୟାଶ୍ଚ ଯେ ॥

**୧୦.ଇମାନି ଆଭରଣାନି-** ଓଁ ତସ୍ମାତ୍ ଯଜ୍ଞାତ୍ ସର୍ବହୁତ ଋଚଃ ସାମାନି ଜଜ୍ଞୀରେ ।
ଛନ୍ଦାଂସି ଜଜ୍ଞୀରେ ତସ୍ମାଦ୍ ଯଜୁସ୍ତସ୍ମାଦ୍ ଅଜାୟତ ॥

**୧୧. ଏଷ ଗନ୍ଧଃ-** ଓଁ ତସ୍ମାତ୍ ଅଶ୍ୱା ଅଜାୟନ୍ତ ଯେ କେ ଚୋଭୟାଦତଃ ।
ଗାବୋ ହ ଯଜ୍ଞୀରେ ତସ୍ମାତ ତସ୍ମାଜ୍ଜାତା ଅଜାଭୟଃ ॥

**୧୨. ଏତାନି ପୁଷ୍ପାନି-** ଓଁ ଯତ୍ ପୁରୁଷଂ ବ୍ୟଦଧୁଃ କତିଧା ବ୍ୟକଳ୍ପୟନ୍ ।
ମୁଖଂ କିଂ ଅସ୍ୟ କୌ ବାହୂ କା ଉରୁ ପାଦ୍ ଉଚ୍ୟେତେ ॥

**୧୩. ଏଷ ଧୂପଃ-** ଓଁ ବ୍ରାହ୍ମଣୋଽସ୍ୟ ମୁଖଂ ଆସୀଦ୍ ବାହୁ ରାଜନ୍ୟଃ କୃତଃ ।
ଉରୁ ତଦ୍ ଅସ୍ୟ ବୈଶ୍ୟଃ ପଦଭ୍ୟାଂ ଶୁଦ୍ରୋ ଅଜାୟତ ॥

**୧୪. ଏଷ ଦୀପଃ-** ଓଁ ଚନ୍ଦ୍ରମା ମନସୋ ଜାତଶ୍ଚକ୍ଷୋଃ ସୂର୍ଯ୍ୟୋ ଅଜାୟତ ।
ମୁଖାଦ୍ ଇନ୍ଦ୍ରଶ୍ଚାଗ୍ନିଶ୍ଚ ପ୍ରାଣାଦ୍ ବାୟୁରଜାୟତ ॥

**୧୫. ଇଦଂ ନୈବେଦ୍ୟ-** ଓଁ ନାଭ୍ୟା ଆସୀତ୍ ଅନ୍ତରିକ୍ଷଂ ଶୀର୍ଷ୍ଣୋ ଦ୍ୟୟୁଃ ସମବର୍ତ୍ତତ ।
ପଭ୍ୟାଂ ଭୂର୍ମିର୍ଦ୍ଦିଶଃ ଶୋତ୍ରାତ୍ ତଥା ଲୋକାନ୍ ଅକଳ୍ପୟନ୍ ॥

**୧୬. ଇତି ନମସ୍କାରଃ- ଓଁ ବେଦାହମ୍ ଏତଂ ପୁରୁଷଂ ମହାନ୍ତମ୍ ଆଦିତ୍ୟ ବର୍ଣ୍ଣଂ ତାମସସ୍ତୁ ପାରେ ॥**
**ସର୍ବାଣି ରୁପାଣି ବିଚିନ୍ତ୍ୟ ଧୀରୋ ନାମାନି କୃତ୍ୱାଭି ବଦାନ୍ ଯଦାସ୍ତେ ॥**

## ରୋଷେଇ ଘର

ମନ୍ଦିର କକ୍ଷ ପରି ରୋଷେଇ ଘରକୁ ପରିଷ୍କାର, ଶୁଦ୍ଧ ଓ ପବିତ୍ର ରଖିବା ଉଚିତ୍ । ମନ୍ଦିର କକ୍ଷ ନିକଟରେ ରୋଷେଇ ଘର ଥିବା ଭଲ । କାରଣ ଭୋଗ ପ୍ରସ୍ତୁତ କରିବା ଓ ନେବା ସମୟରେ ଭୋଗ ସାମଗ୍ରୀକୁ ଭୋଗ ଲଗାଇବା ପୂର୍ବରୁ କୁକୁର, ବିରାଡ଼ି ଆଦି ପଶୁ, ପକ୍ଷୀ ଓ ଅଭକ୍ତଙ୍କର ଦେଖିବା ଓ ଛୁଇଁବା ଅନୁଚିତ । ରୋଷେଇଘରୁ ମନ୍ଦିରକୁ ଭୋଗ ନେବା ସମୟରେ ଭୋଗ ଥାଳିକୁ ପରିଷ୍କାର କପଡ଼ା ଦ୍ୱାର ଆଚ୍ଛାଦନ କରି, ରାସ୍ତାକୁ ଜଳସିଞ୍ଚନ ଦ୍ୱାରା ପବିତ୍ର କରି ଭୋଗ ନେବେ । ରୋଷେଇ ଘରେ ଖାଇବା ଅନୁଚିତ୍ । ଅଇଁଠା ଲୁଗାରେ ଭୋଗ ପ୍ରସ୍ତୁତି ଓ ପୂଜା କରିବା ଅନୁଚିତ୍ । ଭଗବାନଙ୍କ ରନ୍ଧନ ଓ ପୂଜା ବାସନସହ ନିଜ ଖାଇବା ବାସନ ଏକତ୍ର ରଖିବା, ମାଜିବା ଓ ରନ୍ଧନ ସାମଗ୍ରୀ ନିଜ ଖାଇବା ବାସନରେ ରଖି ସେଥିରୁ ନେଇ ଭୋଗ ଲଗାଇବା ଅନୁଚିତ । ରୋଷେଇ ଘରକୁ ଅଇଁଠା ବାସନ, ଆମିଷ ଜାତୀୟ ଦ୍ରବ୍ୟ ନେବା ଅନୁଚିତ୍ ତଥା ଅଭକ୍ତମାନଙ୍କର ପ୍ରବେଶ କରିବା ଅନୁଚିତ୍ ।

## ଭୋଗ ପ୍ରସ୍ତୁତିକରଣ

ଭଗବାନ ଶ୍ରୀକୃଷ୍ଣ କେବଳ ପ୍ରେମ ତଥା ଭକ୍ତିଦ୍ୱାରା ଅର୍ପିତ ଖାଦ୍ୟ ପଦାର୍ଥ ଗ୍ରହଣ କରିଥା'ନ୍ତି । ଏଥିପାଇଁ ଭକ୍ତଗଣ ବଡ଼ ପ୍ରୀତିର ସହିତ ଉତ୍ତମ ଶ୍ରେଣୀର ଶସ୍ୟ, ଡାଲି, ଫଳ, ଶାକସବଜୀ, ଖାଦ୍ୟ-ପଦାର୍ଥ ତଥା ଦୁଗ୍ଧ ଓ ଦୁଗ୍ଧ ଜାତୀୟ ପଦାର୍ଥ ଆଦି ସଂଗ୍ରହ କରି ଅତ୍ୟନ୍ତ ସାବଧାନତାର ସହିତ ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରସନ୍ନତା ନିମିତ୍ତ ଶୁଦ୍ଧ ସାତ୍ତ୍ୱିକ ଭୋଗ ପ୍ରସ୍ତୁତ କରିଥା'ନ୍ତି ।

ଆମିଷ, ବାସି, ପଚା ଦୁର୍ଗନ୍ଧମୟ, ଅପବିତ୍ର, ଉଚ୍ଛିଷ୍ଟ, ଅପରିଷ୍କାର, ପୋଡ଼ି ଯାଇଥିବା, ସ୍ୱାଦହୀନ ଖାଦ୍ୟ ତାମସିକ । ଅତିଖଟା, ଲୁଣିଆ, ଉତ୍କଟ ରାଗ, ଶୁଷ୍କ, ଅତି ଉଷ୍ଣ, ଅତ୍ୟଧିକ ତେଲ ମସଲାଯୁକ୍ତ ଉତ୍ତେଜିତ ଖାଦ୍ୟ ରାଜସିକ । ଏହି ପ୍ରକାର ପ୍ରସ୍ତୁତ ଖାଦ୍ୟ ଭଗବାନଙ୍କ ଗ୍ରହଣୀୟ ନୁହେଁ ।

ଶ୍ରୀକୃଷ୍ଣଙ୍କ ସେବାରେ ସହାୟତା ପାଇଁ ରାଧାରାଣୀଙ୍କୁ ପ୍ରାର୍ଥନା କରିବେ । ଭଗବାନଙ୍କ ପାଇଁ ରୋଷେଇ କରୁଥିବା ସମୟରେ ଭକ୍ତଗଣ କେବଳ ଏହି ଚିନ୍ତା କରିଥା'ନ୍ତି ଯେ କିପରି ଭଗବାନ ଶ୍ରୀକୃଷ୍ଣ ତାଙ୍କଦ୍ୱାରା ପ୍ରସ୍ତୁତ ଖାଦ୍ୟ ଦ୍ରବ୍ୟର ରସାସ୍ୱାଦନ କରନ୍ତେ । ସେ ନିଜେ, ନିଜ ପରିବାରର ସଦସ୍ୟଙ୍କୁ କିମ୍ବା ଅନ୍ୟ ଭକ୍ତଙ୍କ ସ୍ୱାଦ କିମ୍ବା

ତୃପ୍ତି ବିଷୟରେ ଚିନ୍ତା କରନ୍ତି ନାହିଁ । ଏକଥା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ରଖାଯାଇଥାଏ ଯେ ଭଗବାନଙ୍କ ପାଇଁ ଭୋଗ ପୂର୍ଣ୍ଣ ପବିତ୍ରତା ସହିତ ତିଆରି କରାଯିବା ଉଚିତ୍ । ଶ୍ରୀକୃଷ୍ଣଙ୍କୁ ଅର୍ପଣ କରିବା ପୂର୍ବରୁ କେହି ହେଲେ ମଧ୍ୟ ଏପରିକି ରୋଷେୟା ମଧ୍ୟ କୌଣସି ଖାଦ୍ୟ, ପଦାର୍ଥର ସ୍ୱାଦ ଚାଖିପାରିବେ ନାହିଁ ଏବଂଛୋଟ ପିଲାମାନେ ଯଦି ଅଝଟ କରନ୍ତି ତେବେ ତାଙ୍କୁ ବୁଝାଇ ଅନ୍ୟ କିଛି ଦେଇ ଭୁଲାଇ ଦେବେ । ଏପରିକି ପେଜ, ନଡ଼ିଆପାଣି ଇତ୍ୟାଦି ଗାଭୀ ଓ ପିଲାମାନଙ୍କୁ ଦେଇପାରିବେ ନାହିଁ ।

***ବାସନ-*** ଭଗବାନଙ୍କ ପାଇଁ ସମସ୍ତ ବାସନ ସ୍ୱତନ୍ତ୍ର ହେବା ଉଚିତ୍ । ତାହା ନିଜର ଉଚ୍ଛିଷ୍ଟ ବା ଆମିଷ ସ୍ପର୍ଶ ହୋଇ ନ ଥିବା ଦରକାର । ଉତ୍ସବ ଅନୁଷ୍ଠାନାଦିରେ ବାହାରୁ ଆଣୁଥିବା ସମସ୍ତ ରୋଷେଇ ସାମଗ୍ରୀ ଶୁଦ୍ଧ ଏବଂ ନିରାମୀଷ ହୋଇଥିବା ଦରକାର । ତଥାପି ତାକୁ ଭଲ ଭାବରେ ପରିଷ୍କାର କରି ଶେଷରେ ମାଟି ଓ ଗୋବର ମିଶାଇ ମାଜି ଘିଅରେ ପୋଡ଼ିଦେବେ, ତେବେଯାଇ ତାହା ଭୋଗ ଲାଗିବା ଉପଯୋଗୀ ହେବା ଦରକାର ।

ରୋଷେଇ ଶେଷ ହେବା ସାଥେସାଥେ ସମସ୍ତ ଭୋଗ ସାମଗ୍ରୀକୁ ଗୋଟିଏ ଗୋଟିଏ ପୃଥକ୍ ପାତ୍ରରେ ରଖି ଘୋଡ଼ାଇ ଦେବେ । ଭଗବାନଙ୍କ ଭୋଗଥାଳିରେ ଶୁଖିଲା ବ୍ୟଞ୍ଜନ (ଲୁଣ, ଲେମ୍ବୁ, ଲଙ୍କା, ପକୋଡ଼ା, ଶାଗ, ଭଜା ଇତ୍ୟାଦି) ସଜାଇ ନେବେ କିନ୍ତୁ ଘାଣ୍ଟଜାତୀୟ, ଡାଲି, ରସା ଜାତୀୟ ଇତ୍ୟାଦି ବ୍ୟଞ୍ଜନକୁ ତାଟିଆ ଆଦି ପାତ୍ରରେ ସଜାଇ ରଖିବେ । ଶ୍ରୀଲ ଭକ୍ତିବିନୋଦ ଠାକୁରଙ୍କ ଭୋଗ-ଆରତୀ, 'ଭଜ ଭକତ ବତ୍ସଲ' ପଦ୍ୟାନୁସାରେ ଥାଳିରେ ଅନ୍ନଦେଇ ଦକ୍ଷିଣ ପାର୍ଶ୍ୱରୁ ପ୍ରଥମେ ଲେମ୍ବୁ, ପିଠା, ଶାଗ, ଭଜା, ଘାଣ୍ଟ, ଡାଲି, ରସା, ଖଟା, ମିଷ୍ଟାନ୍ନ, ପାଣିଗ୍ଲାସ ଆଦି କ୍ରମରେ ସୁନ୍ଦର ଭାବରେ ସଜାଇ ସେଥିରେ ତୁଳସୀପତ୍ର ଦେଇ ବସ୍ତ୍ର ଘୋଡ଼ାଇ ରଖିବେ ।

୧- ପ୍ରସାଦ ବାହାରି ସାରିବା ପରେ ଭଗବାନଙ୍କ ଭୋଗଥାଳି ତାଟିଆ ଆଦି ପରିବେଷଣ ପୂର୍ବରୁ ଧୋଇ ନେବା ଉଚିତ୍ ।

୨- ରୋଷେଇ ସାରିବା ପରେ, ରୋଷେଇ ଘର, ବାସନ ଓ ଚୁଲି ଇତ୍ୟାଦି ସୁନ୍ଦର ଭାବେ ପରିଷ୍କାର କରିବେ ।

୩- ପ୍ରସାଦ ପରିବେଷଣ ପରେ ସେହି ବାସନ ଭଲଭାବେ ଧୋଇନେବେ, ଯେପରି ଆଦୌ ପ୍ରସାଦ ଲାଗି ନ ରହେ । ଯଦି ପ୍ରସାଦ ବେଶି ହୁଏ ତେବେ ତାକୁ ଭୋଗ ସାମଗ୍ରୀ ରହୁଥିବା ଫ୍ରିଜ୍ ଆଦିରେ ରଖିବେ ନାହିଁ ।

୪- ଭଗବାନଙ୍କୁ ନିବେଦନ ହେଉଥିବା ଥାଳି ତାଟିଆ ଆଦି ବାସନରୁ ପ୍ରସାଦ ନେଇ ନିଜ ଖାଇବା ବାସନରେ ଓଜାଡ଼ି ରଖିବା ବା ସେଥିରୁ ନେଇ କାହାରିକୁ ବିତରଣ କରିବା ଅପରାଧ । ତାହା ରୋଷେଇ କରି ରଖିଥିବା ପାତ୍ରରେ ଓଜାଡ଼ି ରଖିବେ ସେଥିରୁ ନେଇ ପରିବେଷଣ କରିବେ । ରୋଷେଇ କରୁଥିବା କଡ଼େଇ ଓ ଅନ୍ନ ହାଣ୍ଡିଆଦିରେ ପ୍ରସାଦ ନେଇ  ମିଶାଇବେ ନାହିଁ । କିମ୍ବା ସେହି କଡ଼େଇ ଓ ହାଣ୍ଡି ବାହାରକୁ ଆଣି ସେଥିରୁ ପରିବେଷଣ କରିବେନାହିଁ । ନିଜେ ଉଚ୍ଛିଷ୍ଟ କରି ନ ଥିଲେ ମଧ୍ୟ ନିଜ ଖାଇବା ବାସନରେ ଦିଆଯାଇଥିବା ପ୍ରସାଦ ବେଶି ହୋଇଯାଇଥିଲେ ନିଜ ପାତ୍ରରୁ ନେଇ ପରିବେଷଣ କରାଯାଉଥିବା ଠାକୁରଙ୍କ ବାସନରେ ରଖିବେ ନାହିଁ । ତେବେ ଅନ୍ୟ ଏକ ଖାଇବା ବାସନରେ ରଖିଦେବା ଉଚିତ୍ । ଘରେ ଛୋଟ ପିଲାମାନେ ଏହି ଭୁଲ ପ୍ରାୟତଃ

କରିଥାନ୍ତି । ତେଣୁ ଏଥିପ୍ରତି ସତର୍କ ରହିବେ । ଠାକୁରଙ୍କ ବାସନ ବ୍ୟତିତ ରୋଷେଇ ଘର ବେସିନ୍ (ଧୋଇବା କୁଣ୍ଡ) ରେ ଅଇଁଠା ବାସନ ଓ ହାତ ମୁହଁ ଧୋଇବେ ନାହିଁ । ବାହାରେ ଧୋଇବେ । ଯଦି କୂପ ବା ନଳକୂପ ହୁଏ ତେବେ ବାସନ ନେଇ ଏକାଠି ରଖିବେ ନାହିଁ । ନିଜ ଅଇଁଠା ବାସନରୁ ପାଣି ଛିଟିକି ଠାକୁରଙ୍କ ବାସନରେ ପଡ଼ିପାରେ, ତେଣୁ ଅଲଗା ଅଲଗା ନେଇ ଧୋଇ ଆଣିବେ । ନିଜ ଅଇଁଠା ବାସନ ଧୋଇବା ପରେ ସେହି ସ୍ଥାନକୁ ଭଲ ଭାବରେ ପରିଷ୍କାର କରି ଠାକୁରଙ୍କ ବାସନ ନେବେ । ଠାକୁରଙ୍କ ବାସନ ଥିବାବେଳେ କେହି ଯେପରି ସେଠି ହାତମୁହଁ ନଧୁଅନ୍ତି । ବାହାରେ ବାସନ ପକାଇ ରଖିଲେ କୁଆ କୁକୁର ଆଦି ପଶୁ-ପକ୍ଷୀ ମାନେ ମୁହଁ ଲଗାଇଲେ ବାସନ ମାରା ହୁଏ ।

୫- ନିଜ ଖାଇବା ବାସନ ରୋଷେଇ ଘରକୁ ନେଇ ପ୍ରସାଦ ବାଢ଼ି ଆଣିବା ଠିକ୍ ନୁହେଁ । ରୋଷେଇ ଘର ବାହାରେ ଆଣି ବାଢ଼ିବେ ।

## ଭୋଗ ନିବେଦନ

ଯଦିଓ ସର୍ବଦା ଗୃହରେ ଶ୍ରୀବିଗ୍ରହଙ୍କୁ ସଠିକ୍ ସମୟରେ ପୂଜା ଓ ଭୋଗ ନିବେଦନର ନିୟମାନୁବର୍ତ୍ତିତା ପାଳନ କରିବା ସମ୍ଭବପର ନୁହେଁ, ତଥାପି ଯଥାସମ୍ଭବ ସମୟାନୁବର୍ତ୍ତିତା ଅବଲମ୍ବନ କରିବାକୁ ଚେଷ୍ଟା କରିବା ଉଚିତ୍ । ଯେତେବେଳେ ଯେଉଁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେବ ସେତେବେଳେ ତାହା ଅବଶ୍ୟ ଶ୍ରୀବିଗ୍ରହଙ୍କ ପ୍ରତିବିଧାନାର୍ଥେ ନିବେଦନ କରିବା ଉଚିତ୍ । ବ୍ୟଞ୍ଜନର ପ୍ରକାର କମ୍ ବେଶୀ ହୋଇପାରେ କିନ୍ତୁ ପ୍ରତ୍ୟହ ଅତିକମ୍‌ରେ ତିନିଥର (ପ୍ରାତଃରାଶ, ମଧ୍ୟାହ୍ନ ଓ ରାତ୍ରିକାଳୀନ) ଭୋଗ ଲାଗିବ, ଯେପରି ପରିବାର ବର୍ଗଙ୍କ ସହ ସମୟର ସାମଞ୍ଜସ୍ୟ ହୋଇପାରିବ ।

**ପୂର୍ବକରଣୀୟ:** ଭୋଗ ଲଗାଇବା ପୂର୍ବରୁ ସ୍ଥାନ ଓ ଭୋଗ ଚୌକି ପରିଷ୍କାର କରି ମନ୍ଦିର ବନ୍ଦ କରିବେ । ଭଗବାନଙ୍କୁ ବସିବା ଆସନ ଦେଇ ଓ ଭୋଗ ନେଇ ଭୋଗ ଚୌକିରେ ରଖିବେ ।  ଶ୍ରୀବିଗ୍ରହଙ୍କ ମୁକୁଟ ବଂଶୀ ଭୋଗନିବେଦନ ଓ ଶୟନ ପୂର୍ବରୁ ଖୋଲିଦେବେ ଓ ନିବେଦନ ପରେ ଆରତୀ ପୂର୍ବରୁ ପିନ୍ଧାଇ ଦେବେ ।

**ଭୋଗଶୁଦ୍ଧିକରଣ:** ଦକ୍ଷିଣ ହସ୍ତରେ ଅଳ୍ପ ଜଳନେଇ 'ଓଁ ଅସ୍ତ୍ରାୟ ଫଟ୍' ବା ହରେକୃଷ୍ଣ ମହାମନ୍ତ୍ର ଉଚ୍ଚାରଣ ପୂର୍ବକ ଭୋଗ ଉପରେ ଜଳସିଞ୍ଚନ କରି ପବିତ୍ର କରିବେ (ଗାୟତ୍ରୀ ଦୀକ୍ଷାପ୍ରାପ୍ତ ଭକ୍ତଗଣ ମୁଦ୍ରା କରିବେ) ଓ ପ୍ରତ୍ୟେକ ଭୋଗରେ ତୁଳସୀ ପତ୍ର ଦେବେ ।

**ଭୋଗ ଗ୍ରହଣ ପାଇଁ ଭଗବାନଙ୍କୁ ଆମନ୍ତ୍ରଣ :** ଆସନରେ ବସି ବାମହାତରେ ଘଣ୍ଟି ବଜାଇ ବିନୀତ ସେବକ ଭାବେ ଶ୍ରୀ ଗୁରୁଦେବଙ୍କ ଶ୍ରୀଚରଣରେ ପୁଷ୍ପ ଅର୍ପଣ କରି ପାଦ୍ୟ ଓ ଆଚମନ ଦେଇ ସେବାଧିକାର ପ୍ରାର୍ଥନା କରିବେ । ପ୍ରତ୍ୟେକ ବିଗ୍ରହଙ୍କ ଶ୍ରୀଚରଣରେ ପୁଷ୍ପାର୍ପଣ କରି ଆସନରେ ମଧ୍ୟ ଫୁଲ ପାଖୁଡ଼ା ଦେଇ ହସ୍ତ ଇଙ୍ଗିତ ଦ୍ୱାରା ଆହ୍ୱାନ କରିବେ । (ଆସନ ଅଭାବରେ ଫୁଲ ପାଖୁଡ଼ା ଦେବେ) ଶ୍ରୀ ଚୈତନ୍ୟ ମହାପ୍ରଭୁ ଏବଂ ତାଙ୍କର ପାର୍ଷଦବୃନ୍ଦଙ୍କ ଠାରୁ ଆରମ୍ଭ କରି କ୍ରମଶଃ ଶ୍ରୀକୃଷ୍ଣ ଏବଂ ତାଙ୍କର ପାର୍ଷଦଗଣ ପର୍ଯ୍ୟନ୍ତ ସମସ୍ତଙ୍କୁ ପାଦ୍ୟ (ପଦଧୌତ) ଆଚମନ (ମୁଖ ପ୍ରକ୍ଷ୍ୟାଳନ) କରାଇବେ ।

**ଭୋଗ ଅର୍ପଣ:** ଘଣ୍ଟି ବଜାଇ ଶ୍ରୀବିଗ୍ରହଙ୍କ ଉଦ୍ଦେଶ୍ୟରେ ହସ୍ତ ଇଙ୍ଗିତ ଦ୍ୱାରା ଭୋଗ ଥାଳି ଦେଖାଇ ନିମ୍ନ ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ସେମାନଙ୍କୁ ଭୋଗ  ଗ୍ରହଣ ପାଇଁ ଆମନ୍ତ୍ରଣ ଜଣାଇବେ ।

ଇଦଂ ନୈବେଦ୍ୟ ପାନୀୟମ୍- ମୁଖ୍ୟ ବା ପ୍ରତ୍ୟେକ ବିଗ୍ରହଙ୍କ ମୂଳମନ୍ତ୍ର  କରିବେ । ଶ୍ରୀବିଗ୍ରହଙ୍କ ସେବାରେ

ଶ୍ରୀଗୁରୁଦେବଙ୍କର ସହାୟତା ପାଇଁ ନିମ୍ନ ପ୍ରାର୍ଥନା କରିବେ ।

**ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଲେ ।**

**ଶ୍ରୀମତେ (ଗୁରୁଦେବଙ୍କ ନାମ) ଇତି ନାମିନେ ।। (୩ଥର)**

(ଗୁରୁ ଆଶ୍ରୟ ହୋଇ ନ ଥିଲେ ଶ୍ରୀଲ ପ୍ରଭୁପାଦଙ୍କ ପ୍ରଣାମ ମନ୍ତ୍ର ପାଠ କରିବେ ।)

***ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଲେ ।***

***ଶ୍ରୀମତେ ଭକ୍ତିବେଦାନ୍ତ ସ୍ୱାମୀନିତି ନାମିନେ ।।***

***ନମସ୍ତେ ସାରସ୍ୱତେ ଦେବେ ଗୌରବାଣୀ ପ୍ରଚାରିଣେ ।***

***ନିର୍ବିଶେଷ ଶୂନ୍ୟବାଦୀ ପାଶ୍ଚାତ୍ୟଦେଶ ତାରିଣେ ।।*** *(୩ଥର)*

ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ କୃପା ଆଶିର୍ବାଦ ପାଇଁ ନିମ୍ନ ପ୍ରାର୍ଥନା କରିବେ ।

***ନମୋ ମହାବଦାନ୍ୟାୟ କୃଷ୍ଣପ୍ରେମ ପ୍ରଦାୟତେ ।***

***କୃଷ୍ଣାୟ କୃଷ୍ଣ ଚୈତନ୍ୟ ନାମ୍ନେ ଗୌରତ୍ୱିଷେ ନମଃ ।।*** *(୩ଥର)*

ଭଗବାନ ଶ୍ରୀକୃଷ୍ଣଙ୍କୁ ଶ୍ରଦ୍ଧାଭକ୍ତି ଅର୍ପଣ କରିବାପାଇଁ ନିମ୍ନ ପ୍ରାର୍ଥନା କରିବେ ।

***ନମୋ ବ୍ରହ୍ମଣ୍ୟ ଦେବାୟ ଗୋ ବ୍ରାହ୍ମଣ ହିତାୟ ଚ ।***

***ଜଗଦ୍ଧିତାୟ କୃଷ୍ଣାୟ ଗୋବିନ୍ଦାୟ ନମୋ ନମଃ ।।*** *(୩ଥର)*

ଶ୍ରୀଗୁରୁଦେବଙ୍କ ଅନୁମତି ନେଇ ବାହାରକୁ ଆସି ହରେକୃଷ୍ଣ ମହାମନ୍ତ୍ର ଏକମାଳା ଜପ କରିବେ ବା ଗାୟତ୍ରୀ ମନ୍ତ୍ର ପ୍ରାପ୍ତ ଭକ୍ତଗଣ ଗୁରୁଦେବଙ୍କ ପ୍ରଦତ୍ତ ବ୍ରହ୍ମଗାୟତ୍ରୀ, ଶ୍ରୀକୃଷ୍ଣ ମନ୍ତ୍ର ଜପ କରିବେ । ଗାୟତ୍ରୀ ସମୟ ହୋଇଥିଲେ ପୂର୍ଣ୍ଣ ଗାୟତ୍ରୀ କରିବେ । ମଧ୍ୟାହ୍ନ ଭୋଗ ଲଗାଇ ଭଜ ଭକତବତ୍ସଳ ଗାଇବେ । ଏହିପରି ଭଗବାନ ଭୋଗ ଆହାର କରୁଛନ୍ତି ଏହି ଚିନ୍ତାରେ ମଗ୍ନ ରହିବେ । ଏହିପରି ପ୍ରାୟ ୧୦ମିନିଟ୍, ମଧ୍ୟାହ୍ନରେ ୧୫ମିନିଟ୍ ବାହାରେ ଅପେକ୍ଷା କରିବା ପରେ ହାତ ତାଳିଦେଇ ଭିତରକୁ ଯାଇ ଘଣ୍ଟି ବଜାଇ ପ୍ରଥମେ ମୂଳବିଗ୍ରହଙ୍କ ଠାରୁ ସମସ୍ତ ବିଗ୍ରହଗଣଙ୍କୁ ଆଚମନ (ମୁଖ ପ୍ରକ୍ଷାଳନ) ଦେବେ ଓ ବସ୍ତ୍ର ଦ୍ୱାରା ମୁଖ ପୋଛି ଦେବେ । ଶ୍ରୀବିଗ୍ରହଗଣଙ୍କୁ ନିଜନିଜ ସ୍ଥାନକୁ ଫେରିଯିବାର ଭାବନା ନେଇ ହସ୍ତ ଇଙ୍ଗିତ ଦ୍ୱାରା ପ୍ରାର୍ଥନା କରିବେ ।

**ଭଗବାନଙ୍କ ପାର୍ଷଦଙ୍କୁ ପ୍ରସାଦ ଅର୍ପଣ :** ନିବେଦନ ହୋଇଥିବା ମହାପ୍ରସାଦ ଘଣ୍ଟି ବଜାଇ ନିମ୍ନୋକ୍ତ ମନ୍ତ୍ରରେ ସମସ୍ତ ପାର୍ଷଦବର୍ଗ, ଦେବତା, ବୈଷ୍ଣବ, ଗୁରୁପରମ୍ପରାଙ୍କୁ ସେହିପରି ନିବେଦନ କରି ଆଚମନ ଓ ମୁଖ ପୋଛିଦେବେ । ଏକାଦଶୀ ତିଥିରେ ଶସ୍ୟରେ ପ୍ରସ୍ତୁତ ପ୍ରସାଦ ଗୁରୁ ବୈଷ୍ଣବଙ୍କୁ ଅର୍ପଣ କରିବେ ନାହିଁ ।

***ଇଦଂ ମହାପ୍ରସାଦମ୍ :-   ଓଁ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦେଭ୍ୟୋ ନମଃ***

***ଇଦଂ ମହାପ୍ରସାଦମ୍ :-   ଓଁ ସର୍ବଦେବେଭ୍ୟୋ ନମଃ***

***ଇଦଂ ମହାପ୍ରସାଦମ୍ :-   ଓଁ ସର୍ବବୈଷ୍ଣବେଭ୍ୟୋ ନମଃ***

***ଇଦଂ ମହାପ୍ରସାଦମ୍ :-   ଓଁ ପରମ ଗୁରବେ ନମଃ***

***ଇଦଂ ମହାପ୍ରସାଦମ୍ :-   ଓଁ ଗୁରୁବେ ନମଃ***

ପ୍ରସାଦ ଉଠାଇ ସେଇ ସ୍ଥାନକୁ ପୋଛି ପରିଷ୍କାର କରି ଶଙ୍ଖ ବଜାଇ ମନ୍ଦିର ଖୋଲି ଆରତୀ କରିବେ ।

୧. ମଧ୍ୟାହ୍ନ ଭୋଗ ନିବେଦନ ପରେ ସଂକ୍ଷିପ୍ତ ଆରତୀ କରିବେ କିନ୍ତୁ ଉତ୍ସବ ତିଥିରେ ପୂର୍ଣ୍ଣ ଆରତୀ (ଅଧିକନ୍ତୁ କର୍ପୂର ଆରତୀ) କରିବେ । ମନ୍ଦିର ବନ୍ଦ କରି ଅର୍ଚ୍ଚା ବିଗ୍ରହ ଥିଲେ ମୁକୁଟ ବଂଶୀ ଖୋଲି ମାନସିକ ଶୟନ ଦେବେ ।

୨. ଅପରାହ୍ନରେ ବିଗ୍ରହଙ୍କୁ ଜାଗରଣ କରାଇ ଆଚମନ ଦେଇ ଫଳ ଓ ସର୍ବତ ଆଦି ଭୋଗ ଲଗାଇବା ପରେ ମୁକୁଟ ବଂଶୀ ପିନ୍ଧାଇ ମନ୍ଦିର ଖୋଲି ଆରତୀ କରିବେ ।

୩. ସନ୍ଧ୍ୟାରେ ପୂର୍ଣ୍ଣ ଆରତୀ ଅବଶ୍ୟ କରିବେ ।

୪. ରାତ୍ରିରେ ଭୋଗ ଲଗାଇବା ପରେ ଆରତୀ କରିବେ ।

୫. ପ୍ରତ୍ୟେକ ଥର ଭୋଗ ନିବେଦନପରେ ଆରତୀ ଅବଶ୍ୟ କରିବେ । ସଂକ୍ଷିପ୍ତ ଆରତୀ (ଯଥା-ଧୂପ, ଫୁଲ, ଚାମର, ପଙ୍ଖା) ନଚେତ୍ ଅନ୍ୟୁନ ଧୂପ ଆରତୀ କରିବେ ।

## ଶୟନ ସେବା

ଶ୍ରୀ ବିଗ୍ରହଙ୍କ ଠାରୁ ସମସ୍ତ ପୁଷ୍ପ ତୁଳସୀ, ମାଲ୍ୟ, ଅଳଙ୍କାର, ବଂଶୀ ଓ ମୁକୁଟ ଆଦି ଖୋଲି ଆର୍ଦ୍ର ବସ୍ତ୍ରରେ ସୁନ୍ଦର ଭାବରେ ଶ୍ରୀଅଙ୍ଗରୁ ଚନ୍ଦନ ଆଦି ପୋଛିଦେବେ । ସମ୍ଭବ ହେଲେ ଶୟନକାଳୀନ ବସ୍ତ୍ର ପିନ୍ଧାଇ ଦେବେ ଓ ମନ୍ଦିର କକ୍ଷ ପରିଷ୍କାର କରିବେ । ପୁଷ୍ପାଦି ଦ୍ୱାରା ସୁସଜ୍ଜିତ ଶଯ୍ୟାରେ ଶୟନ ପାଇଁ ହାତଯୋଡ଼ି ସେମାନଙ୍କୁ ଆମନ୍ତ୍ରଣ କରିବେ । ଶଯ୍ୟା ଥିଲେ ସେଥିରେ ସୁବାଷିତ ପୁଷ୍ପ ଓ ତୁଳସୀ ଦେଇ ମୂଳ ଅର୍ଚ୍ଚା ବିଗ୍ରହଙ୍କୁ ସିଂହାସନରୁ ନେଇ ଶୟନ ଦେବେ । ପାଦୁକାକୁ ନେଇ ଶଯ୍ୟା ନିକଟରେ ଏକ ପିଢ଼ା ବା ଗଦି ଉପରେ ରଖିବେ । ତାଙ୍କର ପଦସେବା କରି ମଶାରୀ ଟାଙ୍ଗି ପଙ୍ଖା କରିଦେବେ ।

ଅର୍ଚ୍ଚା ବିଗ୍ରହ, ଶଯ୍ୟା ଓ ପାଦୁକା ନ ଥିଲେ, ଯଦି କେବଳ ଆଲେଖ୍ୟ ବା ବଡ଼ ବିଗ୍ରହ ଥା'ନ୍ତି, ସମସ୍ତଙ୍କୁ ଏହିପରି ନିମ୍ନ ମନ୍ତ୍ରରେ ମାନସିକ ଶୟନ ଦେବେ । ଶୀତ ଦିନେ ଶୀତ ବସ୍ତ୍ର ଘୋଡ଼ାଇ ଦେବେ । ଶୀତ ଦିନ ବ୍ୟତୀତ ଅନ୍ୟ ସମୟରେ ବିଦ୍ୟୁତ୍ ପଙ୍ଖା ଚାଲୁ ରଖିବେ । ଅବଶେଷେ କ୍ଷମା ପ୍ରାର୍ଥନା କରି ଅନୁମତି ନେଇ ଆଲୁଅ ଲିଭାଇ ମନ୍ଦିର ବନ୍ଦ କରିବେ ।

### ଶୟନ ମନ୍ତ୍ର

ଶ୍ରୀରାଧାକୃଷ୍ଣ :- **ଆଗଚ୍ଛ ଶୟନ ସ୍ଥାନଂ ପ୍ରିୟାଭିଃ ସହ କେଶବ ।**
**ଦିବ୍ୟ ପୁଷ୍ପାଢ୍ୟ ଶଯ୍ୟାୟାଂ ସୁଖଂ ବିହର ମାଧବ ॥**

ଶ୍ରୀଗୌରାଙ୍ଗ ମହାପ୍ରଭୁ:-**ଆଗଚ୍ଛ ବିଶ୍ରାମ ସ୍ଥାନଂ ସ୍ୱଗଣୈଃ ସହ ଗୌରାଙ୍ଗ ।**
**କ୍ଷଣଂ ବିଶ୍ରମ୍ୟ ସୁଖେନ ଲୀଲୟା ବିହର ପ୍ରଭୋ ॥**

ଶ୍ରୀନିତ୍ୟାନନ୍ଦ ପ୍ରଭୁ:- **ଆଗଚ୍ଛ ଶୟନ ସ୍ଥାନଂ ନିତ୍ୟାନନ୍ଦ ଜଗଦ୍ ଗୁରୋ ।**
**ତବ ରୂପେ ମହାବିଷ୍ଣୋରନନ୍ତେ ଶୟନଂ କୁରୁ ॥**

ଅନ୍ୟ ବିଗ୍ରହଙ୍କ ନିମନ୍ତେ:- **ଆଗଚ୍ଛ ଶୟନ ସ୍ଥାନଂ ସ୍ୱଗଣୈଃ ସହ ଏବଂସେହି**
**ବିଗ୍ରହଙ୍କର ମୂଳମନ୍ତ୍ର ।**(ଶ୍ରୀଗୁରୋ, ଶ୍ରୀନୃସିଂହ ଆଦି)